# ସୂଚୀପତ୍ର


| | | |
|---|---|---|
| ଜାଣିଲେ ଜିଣିବା | ... | ୨ |
| ଆମ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା | ... | ୩ |
| କୃଷି ଏବଂ କୃଷକଙ୍କ ସଶକ୍ତିକରଣ | ... | ୫ |
| ଆଶ୍ରୟ ସୁରକ୍ଷା | ... | ୧୧ |
| ଖାଦ୍ୟ ସୁରକ୍ଷା | ... | ୧୨ |
| ସାମାଜିକ ସୁରକ୍ଷା | ... | ୧୩ |
| ମହିଳା ସଶକ୍ତିକରଣ | ... | ୧୫ |
| ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା | ... | ୧୬ |
| ଶିକ୍ଷିତ ଓଡ଼ିଶା, ଶ୍ରେଷ୍ଠ ଓଡ଼ିଶା | ... | ୨୧ |
| ରାସ୍ତାଘାଟର ବିକାଶ | ... | ୨୪ |
| ଅନୁସୂଚିତ ଜାତି ଓ ଜନଜାତିଙ୍କ କଲ୍ୟାଣ | ... | ୨୬ |
| ନିର୍ମାଣ ଶ୍ରମିକଙ୍କ ସଶକ୍ତିକରଣ | ... | ୨୯ |
| ଭିନ୍ନକ୍ଷମ ସଶକ୍ତିକରଣ | ... | ୩୧ |
| ହସ୍ତତନ୍ତ ଓ ହସ୍ତଶିଳ୍ପ କାରିଗରମାନଙ୍କ ସଶକ୍ତିକରଣ | ... | ୩୩ |
| ଖେଳ ଓ ଖେଳାଳିଙ୍କ ସଶକ୍ତିକରଣ | ... | ୩୪ |
| କେନ୍ଦୁପତ୍ର ତୋଳାଳୀଙ୍କ ସଶକ୍ତିକରଣ | ... | ୩୬ |
| ନିରନ୍ତର ବିଦ୍ୟୁତ୍‌ଶକ୍ତି ଯୋଗାଣ | ... | ୩୭ |
| ଶିଳ୍ପ ସମୃଦ୍ଧି | ... | ୩୮ |
| ପ୍ରଯୁକ୍ତି ବିକାଶ | ... | ୪୧ |
| ବସ୍ ସେବା ଏବଂ ରେଳ ଯୋଗାଯୋଗର ବିକାଶ | ... | ୪୩ |
| ପର୍ଯ୍ୟଟନ ଓ ସଂସ୍କୃତି | ... | ୪୪ |
| ମନ୍ଦିରମୟୀ ନଗରୀରୁ ସ୍ମାର୍ଟ ନଗରୀ | ... | ୪୬ |
| ସୂଚନା ଓ ଲୋକସଂପର୍କ | ... | ୪୮ |

# ଜାଣିଲେ ଜିଣିବା

ଖୁସିର କଥା, ଦୁଇବର୍ଷ ବ୍ୟବଧାନରେ 'ଆଇନା' ପୁଣିଥରେ ପ୍ରକାଶିତ ହେଉଛି । ଏଥରକ 'ଆଇନା'ର ପୁନଃ ପ୍ରକାଶନ ପଛରେ ଅନେକ ବଳିଷ୍ଠ କାରଣ ରହିଛି । ପ୍ରଥମଟି ଏହାର ଲୋକପ୍ରିୟତା । ଓଡ଼ିଶାର ଜନସାଧାରଣଙ୍କର ଯଥେଷ୍ଟ ଆଦର ଲାଭ କରିଛି 'ଆଇନା' ଏହାର ପ୍ରଥମ ପଦାର୍ପଣରେ । ଦ୍ୱିତୀୟଟି, ଏହାର ଅପାର ଉପାଦେୟତା । ଓଡ଼ିଶା ସରକାରଙ୍କର ସବୁ ଲୋକାଭିମୁଖୀ କାର୍ଯ୍ୟକ୍ରମର ପ୍ରତିଫଳନ ଲୋକଙ୍କ ପାଖରେ ସଠିକ୍ ଭାବରେ ପହଞ୍ଚାଇବାର ଉଦ୍ଦେଶ୍ୟ ରଖି ଏହା ପ୍ରଥମେ ପ୍ରକାଶିତ ହୋଇଥିଲା ୨୦୧୪ରେ । ପ୍ରଥମ ପଦାର୍ପଣରେ ଏହାର ଉପାଦେୟତା ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ଯୋଜନାକୁ ପ୍ରତ୍ୟେକ ସ୍ତରରେ କାର୍ଯ୍ୟକାରୀ କରାଉଥିବା ଅଧିକାରୀ, ଯୋଜନା ବିଶାରଦ ଏବଂ ଗଣମାଧ୍ୟମ ସମସ୍ତଙ୍କ ଦ୍ୱାରା ଅନୁଭୂତ ହୋଇଥିଲା । ସେଥିପାଇଁ କେହି ନା କେହି କେତେବେଳେ ଏଇ ଦୁଇବର୍ଷ ଭିତରେ 'ଆଇନା'ର କପି ଖଣ୍ଡେ ଖୋଜିଛନ୍ତି । କାରଣ ଏହାହିଁ ସରକାରଙ୍କ ସଂଖ୍ୟାଧିକ ଲୋକାଭିମୁଖୀ ଯୋଜନା, କାର୍ଯ୍ୟକ୍ରମ ଏବଂ ଉପକ୍ରମଗୁଡ଼ିକୁ ଜାଣିବା ଏବଂ ବୁଝିବାର ସର୍ବୋତ୍କୃଷ୍ଟ ମାଧ୍ୟମ ଭାବରେ ବିବେଚିତ ହୋଇଥିଲା ।

ତୃତୀୟ କାରଣଟି ଏହାର ଲୋକସଶକ୍ତିକରଣ ଦକ୍ଷତା । 'ଆଇନା' ଲୋକଙ୍କୁ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ, ଲୋକଙ୍କ ପାଇଁ କରାଯାଇଥିବା ଯୋଜନା ସମ୍ପର୍କରେ ଲୋକଙ୍କ ପାଇଁ ସୂଚନା । ଯୋଜନାର ସୁଫଳ ପାଇବା ପାଇଁ ହେଲେ ଯୋଜନାକୁ ଭଲ ଭାବରେ ଜାଣିବା ଦରକାର । ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ହେଲେ ଯୋଜନା ଏବଂ ହିତାଧିକାରୀଙ୍କ ମଝିରେ ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀମାନେ ଯେ କୌଣସି ଯୋଜନାର ଆଭିମୁଖ୍ୟ, ଉଦ୍ଦେଶ୍ୟ ଏବଂ ଉପଭୋକ୍ତାଙ୍କ ସମ୍ପର୍କରେ ସଠିକ୍ ଭାବରେ ଜାଣିବା ଦରକାର । ଏଇଥିପାଇଁ 'ଆଇନା' । ଜାଣିଲେ ଜିଣିବା ।

ଏ ଦୁଇବର୍ଷ ଭିତରେ ଆମ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କ ପାଇଁ ଅନେକ ନୂଆ ଯୋଜନା, କାର୍ଯ୍ୟକ୍ରମ ଏବଂ ଉପକ୍ରମ ଆରମ୍ଭ କରାଇଛନ୍ତି । ସେ ସବୁର ସୁଫଳ ରାଜ୍ୟର ସାଢେ ଚାରିକୋଟିରୁ ଅଧିକ ଜନସାଧାରଣଙ୍କ ନିକଟରେ ପହଞ୍ଚିବା ଦରକାର । କଥା ନୁହେଁ, କେବଳ କାମରେ ବିଶ୍ୱାସ ରଖୁଥିବା ଆମ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ସରକାର ଲୋକଙ୍କ ସରକାର । ଲୋକଙ୍କ ପାଇଁ କାମ, ଲୋକଙ୍କ ବିଭିନ୍ନ ଅଭାବ ଅସୁବିଧା ଦୂରୀକରଣ ହିଁ ଲୋକଙ୍କର ପ୍ରକୃତ ସଶକ୍ତିକରଣ ।

ଲୋକଙ୍କ ପାଇଁ କରାଯାଉଥିବା କାମକୁ ନେଇ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏଥର ନୂଆ ରୂପରେ ପୁଣି ଥରେ ଆତ୍ମପ୍ରକାଶ କରୁଛି 'ଆଇନା' । ଜନସାଧାରଣଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ସଶକ୍ତ କରାଇବାର ଏକ ବଳିଷ୍ଠ ମାଧ୍ୟମ, ଲୋକଙ୍କୁ ତାଙ୍କ ନ୍ୟାଯ୍ୟ ଅଧିକାର ସମ୍ପର୍କରେ ସଚେତନ କରାଇବା ପାଇଁ ଏକ ଅନନ୍ୟ ଅଭିଯାନ ।

**ସୂଚନା ଓ ଲୋକସମ୍ପର୍କ ବିଭାଗ**



# ଆମ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଏ ବର୍ଷ ଆମେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୮୦ ବର୍ଷ ପୂର୍ତ୍ତି ପାଳନ କରୁଛେ । ଏହା ଆମ ସମସ୍ତଙ୍କ ପାଇଁ ଅତି ଆନନ୍ଦର କଥା । ଆମ ରାଜ୍ୟର କଳା, ସଂସ୍କୃତି, ଐତିହ୍ୟ ଏବଂ ପରଂପରା ଆମ ପାଇଁ ଗର୍ବ ଓ ଗୌରବର କାରଣ । ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥିବା ମହାମନୀଷୀମାନଙ୍କର ଅମୂଲ୍ୟ ଅବଦାନକୁ ସ୍ମରଣ କରିବା ସହିତ ମହାନ୍ ଉତ୍କଳୀୟ ପରଂପରାକୁ ନେଇ ଗର୍ବିତ ହେବାର ଏହା ହେଉଛି ପ୍ରକୃଷ୍ଟ ସମୟ । ଆମ କାର୍ଯ୍ୟ ପରିସରର ପ୍ରତ୍ୟେକ ସ୍ତରରେ ଏହି ବର୍ଷଟିକୁ ମହା ଆଡମ୍ବରରେ ପାଳନ କରିବା ପାଇଁ ମୁଁ ସମସ୍ତଙ୍କୁ ଆହ୍ୱାନ କରୁଛି । ଭାଷାଭିତ୍ତିରେ ଗଠିତ ହୋଇଥିବା ଆମ ରାଜ୍ୟର ଭାଷା ଓଡ଼ିଆ ଏ ଜାତିର ପ୍ରାଣ, ଆମ ଭାଷାର ଅଭିବୃଦ୍ଧି ନିମନ୍ତେ ସବୁ ସ୍ତରରେ ଆରମ୍ଭ କରାଯାଇଥିବା ଉଦ୍ୟମର ଅପାର ସଫଳତା ମୁଁ ଏ ଅବସରରେ କାମନା କରୁଛି ।

ସୌଭାଗ୍ୟବଶତଃ ଆମେ ଏହି ବର୍ଷଟିକୁ ମହାନ୍ ଜନନେତା ବିଜୁ ପଟ୍ଟନାୟକଙ୍କର ଜନ୍ମ ଶତବାର୍ଷିକୀ ବର୍ଷ ଭାବରେ ପାଳନ କରୁଛେ । ବିଜୁବାବୁ ଓଡ଼ିଶାର ଉନ୍ନତିକୁ ନିଜର ନୀତି ଭାବରେ ଗ୍ରହଣ କରିଥିଲେ ଏବଂ ସବୁ ବର୍ଗର ଲୋକଙ୍କର ସଶକ୍ତିକରଣକୁ ତାଙ୍କର ଆଦର୍ଶ ଭାବରେ ଗ୍ରହଣ କରିଥିଲେ । ଆମେ ବିଜୁ ବାବୁଙ୍କ ଜନ୍ମ ଶତବାର୍ଷିକୀ ଏକ ନିଆରା ଢଙ୍ଗରେ ପାଳନ କରୁଛୁ । ମାର୍ଚ୍ଚ ୫ ପଞ୍ଚାୟତିରାଜ ଦିବସଠାରୁ ଆରମ୍ଭ କରି ନିୟମିତ ବ୍ୟବଧାନରେ ରାଜ୍ୟର ଜନସାଧାରଣଙ୍କ ଉନ୍ନତି ଏବଂ ସଶକ୍ତିକରଣ ପାଇଁ କାର୍ଯ୍ୟକାରୀ କରାଯାଇଥିବା ପ୍ରକଳ୍ପ ଶହ ଶହ ସଂଖ୍ୟାରେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରୁଛୁ । ଏହାହିଁ ଆମର ଏହି ମହାନ୍ ନେତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି । ସେ ସବୁବେଳେ ଏକ ବିକଶିତ ଏବଂ ସଶକ୍ତ ଓଡ଼ିଶାର ଅଭିଳାଷ ପୋଷଣ କରି ଆସିଥିଲେ, ଆମେ ସେ ଦିଗରେ ନିରନ୍ତର କାର୍ଯ୍ୟ କରି ଚାଲିଛୁ ।

ଲୋକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଯୋଜନା କରିବା ଯେତିକି ଜରୁରୀ, କରାଯାଇଥିବା ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚିବା ସେତିକି ଆବଶ୍ୟକ । ଯୋଜନାକୁ ବୁଝିଲେ ଲୋକେ ତାଙ୍କ ନିଜ ଆଡୁ ଏହାର ସୁଫଳ ପାଇବା ପାଇଁ ସଠିକ୍ ମାର୍ଗ ଆପଣେଇ ପାରିବେ, ଯୋଜନା ପ୍ରଣୟନ ଦାୟିତ୍ୱରେ ଥିବା ଅଧିକାରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ସହଭାଗିତା ବଢ଼ିବ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଲୋକଙ୍କୁ ତାଙ୍କ ପାଇଁ କରାଯାଇଥିବା ଯୋଜନାରୁ ଉପକାର ମିଳିବ । ଏଇ ଚିନ୍ତାଧାରାକୁ ଆଧାର କରି ଦୁଇ ବର୍ଷ ତଳେ ଲୋକଙ୍କ ପାଇଁ ସୂଚନା ପୁସ୍ତିକା ଭାବରେ 'ଆଇନା' ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ହୋଇଥିଲା ।

ଆଜି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୮୦ ବର୍ଷ ପୂର୍ତ୍ତି ଏବଂ ବିଜୁ ପଟ୍ଟନାୟକଙ୍କର ଜନ୍ମ ଶତବାର୍ଷିକୀ ବର୍ଷରେ ଜନ ସଶକ୍ତିକରଣର ବାର୍ତ୍ତାବହ ଭାବରେ 'ଆଇନା' ପୁଣି ଥରେ ପ୍ରକାଶିତ ହେଉଛି, ସମସ୍ତ ସରକାରୀ ଯୋଜନାକୁ ବୁଝିବା, ବୁଝାଇବା ଏବଂ ସୁଫଳ ପାଇବାର ଏକ ସଶକ୍ତ ମାଧ୍ୟମ ଭାବରେ ।

ରାଜ୍ୟର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଆଜି 'ଆଇନା' ଲୋକାର୍ପଣ କରି ମୁଁ ବେଶ୍ ଆନନ୍ଦିତ । ରାଜ୍ୟବାସୀଙ୍କୁ ତଥ୍ୟ ଏବଂ ସୂଚନା ପ୍ରଦାନର ଏହା ଏକ ସଶକ୍ତ ମାଧ୍ୟମ ହେଉ, ଏତିକି କାମନା କରୁଛି ।

# କୃଷି ଏବଂ କୃଷକଙ୍କ ସଶକ୍ତିକରଣ

କୃଷି ପ୍ରଧାନ ରାଜ୍ୟ ଆମ ଓଡ଼ିଶାରେ କୃଷି ରହିବ ସବୁଠୁ ଆଗରେ । ରାଜ୍ୟର କୃଷକଙ୍କ ପୂର୍ଣ୍ଣ ସଶକ୍ତିକରଣ ଏବେ ଆମ ସରକାରଙ୍କ ପ୍ରାଥମିକତା ।

- ୨୦୧୩-୧୪ ମସିହାରୁ ଆମ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ପ୍ରଥମ କରି ଆରମ୍ଭ କଲେ **ସ୍ୱତନ୍ତ୍ର କୃଷି ବଜେଟ୍** । କୃଷି କ୍ଷେତ୍ରର ସାମଗ୍ରିକ ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହିତ କରାଗଲା ଅଧିକରୁ ଅଧିକ ଅର୍ଥ ବରାଦ । ୨୦୧୬-୧୭ରେ ସ୍ୱତନ୍ତ୍ର କୃଷି ବଜେଟ୍‌ରେ ସର୍ବାଧିକ ୧୩୧୮୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।



- କୃଷି ଏବଂ କୃଷି ସହ ସମ୍ପର୍କିତ ସମସ୍ତ କ୍ଷେତ୍ରଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଏହି ବର୍ଷ ପ୍ରଥମ କରି କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ମତ୍ସ୍ୟ ଏବଂ ପ୍ରାଣୀ ସଂପଦ ବିକାଶ ବିଭାଗ, ସମବାୟ ବିଭାଗ, ଜଳସଂପଦ ବିଭାଗ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ, ପଞ୍ଚାୟତିରାଜ ବିଭାଗ ଏବଂ ଶକ୍ତି ବିଭାଗକୁ ଅନ୍ତର୍ଭୁକ୍ତ କରାଯାଇ **ନୂତନ କୃଷି କ୍ୟାବିନେଟ୍ ଗଠନ** କରାଗଲା । କୃଷିର ସର୍ବାଙ୍ଗୀନ ବିକାଶ ନିମନ୍ତେ ଆବଶ୍ୟକ ସର୍ବୋଚ୍ଚ ସ୍ତରୀୟ ନୀତି ନିର୍ଦ୍ଧାରଣ, ନିଆଯାଇଥିବା ନିଷ୍ପତ୍ତିର କାର୍ଯ୍ୟକାରିତା ଅନୁଧ୍ୟାନ ଏବଂ ଉପରୋକ୍ତ ସମସ୍ତ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଉତ୍ପାଦନ ଏବଂ ଉତ୍ପାଦକତା ବୃଦ୍ଧି ନିମନ୍ତେ ଏହି କୃଷି କ୍ୟାବିନେଟ୍ ଗଠନ କଲେ ଆମ ମୁଖ୍ୟମନ୍ତ୍ରୀ । ଏ ଭିତରେ କୃଷି କ୍ୟାବିନେଟ୍‌ର



ବୈଠକ ଦୁଇଥର ଡକାଯାଇ ଏ ବର୍ଷ ୧ ଲକ୍ଷ ସେଚ କୂପ ଖୋଳିବା, କୃଷି ସଂପ୍ରସାରଣ ବ୍ୟବସ୍ଥାକୁ ଆହୁରି ଅଧିକ ସୁସଂହତ କରିବା, ବିହନ ସବ୍‌ସିଡି ସଳଖ ହସ୍ତାନ୍ତର ବ୍ୟବସ୍ଥା ଏବଂ ଆନ୍ତର୍ଜାତିକ ଧାନ ଗବେଷଣା କେନ୍ଦ୍ର ସହିତ କୃଷିର ବିକାଶ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରିବା ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

- କୃଷିର ସର୍ବାଙ୍ଗୀନ ବିକାଶ ସହିତ କୃଷକଙ୍କ ସର୍ବବିଧ ଉନ୍ନତିକୁ ସ୍ୱତନ୍ତ୍ର ଭାବରେ ଧ୍ୟାନ ଦିଆଯିବା ସହିତ ଉଭୟ କୃଷି ଏବଂ କୃଷକଙ୍କ ସଶକ୍ତିକରଣକୁ ରାଜ୍ୟରେ ସର୍ବାଧିକ ପ୍ରାଥମିକତା ଦେବା ପାଇଁ ଆମ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କୃଷି ବିଭାଗକୁ **କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ** ନାମରେ ନାମିତ କରିଛନ୍ତି ।

- 'ଓଡ଼ିଶା ରାଜ୍ୟ ବିହନ ନିଗମ' ଏବଂ 'ମାର୍କଫେଡ୍‌'କୁ ୧୦୦ କୋଟି ଲେଖାଏଁ କର୍ପସ ପାଣ୍ଠି ଯୋଗାଇ ଦେଇଛନ୍ତି ଆମ ମୁଖ୍ୟମନ୍ତ୍ରୀ । ଉଦ୍ଦେଶ୍ୟ ଠିକଣା ସମୟରେ ଚାଷୀମାନଙ୍କୁ ଉନ୍ନତ କିସମର ବିହନ ଏବଂ ଆବଶ୍ୟକ ପରିମାଣର ସାର ଯୋଗାଇ ଦିଆଯାଇପାରିବ ।

- ବିହନ ପ୍ରତିବଦଳ ହାର ୩୭ ପ୍ରତିଶତକୁ ବୃଦ୍ଧି କରିବାରେ ଜାତୀୟ ସ୍ତରରେ ରେକର୍ଡ କରିଛି ଆମ ରାଜ୍ୟ ।

- ବୈଜ୍ଞାନିକ ପଦ୍ଧତିରେ ଅମଳ ପରବର୍ତ୍ତୀ ଖାଦ୍ୟଶସ୍ୟ ଉପଯୁକ୍ତ ଭାବରେ ସଂରକ୍ଷଣ କରିବା ପାଇଁ ବର୍ତ୍ତମାନ ସୁଦ୍ଧା ୧୨୫ଟି ଗୋଦାମ ଘର ବିଭିନ୍ନ ସ୍ଥାନରେ ନିର୍ମାଣ କରାଯାଇଛି ।

- କୃଷକମାନଙ୍କୁ ସ୍ୱାସ୍ଥ୍ୟବୀମା ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ **'ବିଜୁ କୃଷକ କଲ୍ୟାଣ ଯୋଜନା'** ନାମରେ ଏକ ଅଭିନବ ଯୋଜନା କାର୍ଯ୍ୟକାରୀ ହୋଇଛି । ପ୍ରତି କୃଷକ ପରିବାରର ସର୍ବାଧିକ ୫ ଜଣ ସଦସ୍ୟଙ୍କୁ ବୀମାଭୁକ୍ତ କରାଯାଇ ଏହି ଯୋଜନାରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉଛି । ବିଗତ ଦୁଇ ବର୍ଷ ମଧ୍ୟରେ **ବିଜୁ କୃଷକ କଲ୍ୟାଣ ଯୋଜନା**ରେ ପ୍ରାୟ ୫୫ ଲକ୍ଷ କୃଷକ ପରିବାରକୁ ପଞ୍ଜିକୃତ କରାଯାଇଛି ।

''ମୁଁ ୩୮ ବର୍ଷର ଜଣେ ଗରିବ ଚାଷୀ । ଦୁରାରୋଗ୍ୟ କ୍ୟାନ୍‌ସର ବେମାରୀ ହେଲା । 'ବିଜୁ କୃଷକ କଲ୍ୟାଣ ଯୋଜନା'ରେ ମିଳିଥିବା କାର୍ଡ଼ ବଳରେ ମୋତେ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଚିକିତ୍ସା ମିଳିଲା ଓ ବୀମା କମ୍ପାନୀ ଏକ ଲକ୍ଷ ଟଙ୍କା ଖର୍ଚ୍ଚ ଦେଲେ । ମୁଁ ଏବେ ସୁସ୍ଥ । ଗରିବ କୃଷକଙ୍କ ଜୀବନ ବଞ୍ଚାଇବା ପାଇଁ ଏଭଳି ଏକ ଯୋଜନା କରିଥିବାରୁ ମୁଁ ଆମ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଚିର ଋଣୀ ।''



ପୂର୍ଣ୍ଣଚନ୍ଦ୍ର ମହାନ୍ତ
ମହାଦେଇ ଯୋଡ଼ା
କେଉଁଝର

- ଗତବର୍ଷ ମରୁଡ଼ି ମୁକାବିଲା ପାଇଁ ୩ ଲକ୍ଷ ୫୪ ହଜାର ୭୭୫ ଡାଲି ମିନିକିଟ୍, ୯୯ ହଜାର ୫୦୦ ତୈଳବୀଜ ମିନିକିଟ୍ ଏବଂ ୩୪ ହଜାର ୪୭୨ ଗୋଟି ପାଣି ପମ୍ପସେଟ୍ ରାଜ୍ୟର ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି ।
- ବିଗତ ଦୁଇ ବର୍ଷରେ ୨୭ ହଜାର ଟ୍ରାକ୍ଟର, ୨୩ ହଜାର ପାୱାର ଟିଲର, ୭୮୭ କମ୍ବାଇନ ହାର୍ଭେଷ୍ଟର, ୬୪ ହଜାର ପାଣି ପମ୍ପସେଟ୍, ୧,୨୮୭ ଶକ୍ତିଚାଳିତ ଧାନ ରୁଆ ଯନ୍ତ୍ର, ୯,୯୮୭ ରୋଟାଭେଟର୍ ଓ ୫୫ ହଜାରରୁ ଊର୍ଦ୍ଧ୍ୱ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ୫୦ ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ରିହାତିରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି ।
- ୨୨ ଲକ୍ଷରୁ ଊର୍ଦ୍ଧ୍ୱ କୃଷକଙ୍କୁ ନିୟମିତ ଭାବରେ ବିଭିନ୍ନ ଚାଷ ସମ୍ବନ୍ଧୀୟ ତଥ୍ୟ ଓ ପରାମର୍ଶ ଏସ୍.ଏମ୍.ଏସ୍. ମାଧ୍ୟମରେ ପ୍ରଦାନ କରାଯାଉଛି ।
- ଏ ବର୍ଷ ୪୦ ହଜାର ମହିଳା ଚାଷୀଙ୍କୁ ମୋବାଇଲ୍ ଫୋନ୍ ଯୋଗାଇ ଦିଆଯାଇଛି ।



- ଖାଦ୍ୟଶସ୍ୟ ଅମଳକୁ ସୁବ୍ୟବସ୍ଥିତ କରିବା ପାଇଁ ସବୁ ଗ୍ରାମପଞ୍ଚାୟତରେ କଂକ୍ରିଟ୍ ଖଳା ତିଆରି କରାଯାଉଛି । ଏ ଭିତରେ ୨୩୪୮ କଂକ୍ରିଟ୍ ଖଳା ସମ୍ପୂର୍ଣ୍ଣ ହୋଇଛି ।
- ବିଗତ ୨ ବର୍ଷରେ ୩ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି । ୨୦୧୯ ସୁଦ୍ଧା ବିଭିନ୍ନ ଜଳସେଚନ ଯୋଜନା ମାଧମରେ ଅତି କମ୍‌ରେ ଆଉ ୮ ଲକ୍ଷ ହେକ୍ଟରରୁ ଊର୍ଦ୍ଧ୍ୱ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବା ପାଇଁ ଉତ୍ସର୍ଗୀକୃତ ଉଦ୍ୟମ ଆରମ୍ଭ କରାଯାଇଛି ।
- ଗତ ଦୁଇବର୍ଷ ମଧ୍ୟରେ ୩୩୪୫ କୋଟି ଟଙ୍କା ଖର୍ଚ୍ଚ କରାଯାଇ ୭୫ଟି ମେଗା ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇଛି ।

- କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଅନ୍ତର୍ଗତ ଉତ୍କେଲାଠାରେ ୨୭ କୋଟି ଟଙ୍କାରେ ନିର୍ମିତ ଓ ବଲାଙ୍ଗିର ଜିଲ୍ଲାର ଗୁଡ୍‌ଭେଲାଠାରେ ୧୩ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ୨ଟି ମେଗା ଉଠା ଜଳସେଚନ ପ୍ରକଳ୍ପ ଇତି ମଧ୍ୟରେ ଆମ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି ଏବଂ ଅନ୍ୟ ପ୍ରକଳ୍ପଗୁଡ଼ିକର କାମ ଆଗେଇ ଚାଲିଛି । ଏହି ନୂତନ ଜଳସେଚନ ପଦ୍ଧତି ଆପଣେଇବା ନିମନ୍ତେ ଚାଷୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଛି ।
- ୧୯୩୬ ଅଚଳ ଉଠା ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଇଥିବା ବେଳେ ୨୬,୨୫୩ ଗଭୀର ନଳକୂପ, ୨୧୪୪ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ଚାଷୀମାନଙ୍କୁ ହସ୍ତାନ୍ତର କରାଯାଇଛି ।
- ଛୋଟ ଛୋଟ ନଦୀ, ନାଳ ଉପରେ ୩୪୪୬ ଚେକ୍‌ଡ୍ୟାମ୍ ନିର୍ମାଣ କରାଯାଇଛି ଏବଂ ୬୪୫ ବର୍ଷାଜଳ ଅମଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି । ୯୩୬ ଜଳାଶୟର ପୁନରୁଦ୍ଧାର ହୋଇଛି । ଏହା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ଏକ ମୁଖ୍ୟ ଫସଲ ସହିତ ବିଭିନ୍ନ ଋତୁକାଳୀନ ପନିପରିବା ଏବଂ ଫୁଲଚାଷ ଦ୍ୱାରା ନିଜ ଆୟ ବୃଦ୍ଧି କରିବା ପାଇଁ ବହୁଳ ଭାବରେ ପ୍ରୋତ୍ସାହିତ କରିଛି ।



- ଇନ୍ଦ୍ରାବତୀ ବୃହତ୍ ଜଳସେଚନ ପ୍ରକଳ୍ପର ସଂପ୍ରସାରଣ କରାଯାଇ ୪୫ଟି କ୍ଷୁଦ୍ର ଓ ୩ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇପାରିଛି । ଏହାଦ୍ୱାରା ଏହି ବୃହତ୍ ଜଳସେଚନ ପ୍ରକଳ୍ପଗୁଡ଼ିକର ଜଳଧାରଣ କ୍ଷମତା ବୃଦ୍ଧି ହେବା ସହିତ ଅଧିକ ଚାଷ ଜମିକୁ ଜଳସେଚନ ସୁବିଧା କରାଯାଇପାରିଛି ।
- ଚାଷଜମିକୁ ଜଳସେଚନ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନିମନ୍ତେ ପର୍ଯ୍ୟାପ୍ତ ଉତ୍ସର୍ଗୀକୃତ ଫିଡର୍ ବ୍ୟବସ୍ଥା କରାଯାଇଛି ।

- ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କୃଷକମାନଙ୍କୁ ବ୍ୟାଙ୍କ୍ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଏଟିଏମ୍ ଓ କିଓସ୍କ ସୁବିଧା ଥାଇ ୧୬ଟି ଜିଲ୍ଲାରେ ୨୦ଟି 'ଭ୍ରାମ୍ୟମାଣ ବ୍ୟାଙ୍କ' (ବ୍ୟାଙ୍କ ଅନ୍ ହୁଇଲ୍) କାର୍ଯ୍ୟ କରୁଛି ।

- ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ନେଇ ନିୟମିତ କୃଷି ଋଣ ପରିଶୋଧ କରୁଥିବା କୃଷକମାନଙ୍କ ନିମନ୍ତେ **ସୁଧ ହାର ୨ ପ୍ରତିଶତରୁ ୧ ପ୍ରତିଶତକୁ ହ୍ରାସ** କରାଯିବା ପାଇଁ ଆମ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏକ ଦୂରଦୃଷ୍ଟିସଂପନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହା ଚାଷୀମାନଙ୍କ ଋଣ ବୋଝ କମାଇବା ସହିତ କୃଷି ଉତ୍ପାଦନ ବୃଦ୍ଧିରେ ସହାୟକ ହେବ ।



- ଖରିଫ୍ ଋତୁରେ ପ୍ରାଥମିକ କୃଷି ଋଣ ସମବାୟ ସମିତି ଜରିଆରେ **୬ ହଜାର କୋଟି ଟଙ୍କାର କୃଷି ଋଣ** ଯୋଗାଇ ଦିଆଯାଇଛି ।

- ଉଦ୍ୟାନ **କୃଷି ଉଦ୍ୟୋଗୀଙ୍କୁ ୨୦ ପ୍ରତିଶତ ସହାୟତା** ପ୍ରଦାନ କରାଯାଇଛି ।

- ଏକ ପୂର୍ଣ୍ଣାଙ୍ଗ ମତ୍ସ୍ୟ ନୀତି ପ୍ରଣୟନରେ ଆମେ ସାରା ଦେଶରେ ସର୍ବପ୍ରଥମ । ଏହି ପ୍ରଗତିଶୀଳ ମତ୍ସ୍ୟ ନୀତିରେ ମତ୍ସ୍ୟଚାଷର ଅଭିବୃଦ୍ଧି ନିମନ୍ତେ ଆବଶ୍ୟକୀୟ ଭିତ୍ତିଭୂମି ସୃଷ୍ଟି ତଥା ସେଥିରେ ନିୟୋଜିତ ଲୋକଙ୍କର ଦକ୍ଷତା ବୃଦ୍ଧି ସହିତ ଲୁଣି ଜଳ ଚିଙ୍ଗୁଡି ଉତ୍ପାଦନ ବଢାଇବା ଉପରେ ଗୁରୁତ୍ୱ ଦିଆଯାଇଛି ।

- ଆମ ରାଜ୍ୟରେ ପ୍ରାଣୀଧନ ବିକାଶ ଲକ୍ଷ୍ୟକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ହାସଲ କରିବା ପାଇଁ ନୂଆ **'ଗୋମହିଷାଦି ପ୍ରଜନନ ନୀତି–୨୦୧୫'** ଓ **'କୁକ୍କୁଟ ନୀତି–୨୦୧୫' ପ୍ରଣୟନ** କରାଯାଇଛି ।

- ସହରାଞ୍ଚଳରେ ତଟକା ମାଛ ଓ କୁକୁଡା ମାଂସ ଯୋଗାଇଦେବା ଲକ୍ଷ୍ୟରେ ୧୦୦ଟି **ଚିଲିକା ଫ୍ରେସ୍** ଓ ୧୦୦ଟି **ଚିକେନ୍ ଫ୍ରେସ୍** ଖୋଲାଯିବାର ବ୍ୟବସ୍ଥା କରାଯାଉଛି ।

- ଏଣିକି ପ୍ରତି ବର୍ଷ ୨.୫ ଲକ୍ଷ ହେକ୍ଟର ଅଧିକ ଜମିକୁ କରାଯିବ ଜଳସେଚନ ବ୍ୟବସ୍ଥା ।
- ପ୍ରତି ୫ ହଜାର ଜନସଂଖ୍ୟାକୁ ଆଧାର କରି ମଣ୍ଡି ବ୍ୟବସ୍ଥା ସହିତ ତିଆରି କରାଯିବ କଂକ୍ରିଟ ଖଳା ।
- ୧୦ ଲକ୍ଷ ହେକ୍ଟର ଜମିରେ କରାଯିବ ବିଭିନ୍ନ ପ୍ରକାର ଚାଷର କିସମ ବଦଳ ବ୍ୟବସ୍ଥା ।
- ୨୦୨୦ ସୁଦ୍ଧା ରାଜ୍ୟରେ ୧୭୫ଟି ମେଗା ଲିଫ୍ଟ୍ ପଏଣ୍ଟ କାର୍ଯ୍ୟକାରୀ ହେବ ।
- ଏଣିକି ପ୍ରତି ଗ୍ରାମପଞ୍ଚାୟତରେ ହେବ ଉନ୍ନତମାନର ବିହନ, ସାର ଓ କୀଟନାଶକ ଯୋଗାଇ ଦେବାର ବ୍ୟବସ୍ଥା ।
- ରାଜ୍ୟ ଆଳୁ ମିଶନ ଅଧୀନରେ ୨୦୧୭-୧୮ ସୁଦ୍ଧା କରାଯିବ ୫.୬ ଲକ୍ଷ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ୧୧୨ଟି ନୂତନ ବୃହତ ଶୀତଳଭଣ୍ଡାରର ପ୍ରତିଷ୍ଠା ।



- ୨୦୧୭ ଶେଷ ସୁଦ୍ଧା ୮୪୭ଟି ଗୋଦାମ ଘର ନିର୍ମାଣ କରାଯିବ ।
- କୃଷିର ଅଭିବୃଦ୍ଧି ନିମନ୍ତେ ଆମ କୃଷି ହିତୈଷୀ ମୁଖ୍ୟମନ୍ତ୍ରୀଙ୍କ ନିରନ୍ତର ପ୍ରୟାସ ଓ ରାଜ୍ୟର କୃଷକମାନଙ୍କର ଅବିରତ ପରିଶ୍ରମର ଫଳ ସ୍ୱରୂପ ଆମ ରାଜ୍ୟକୁ ବିଗତ ୫ ବର୍ଷ ମଧ୍ୟରେ ଚାରି ଚାରି ଥର ସମ୍ମାନଜନକ **କୃଷି କର୍ମଣ** ପୁରସ୍କାର ମିଳିଛି । ଏବେ ଓଡ଼ିଶାରେ କୃଷିର ବିକାଶ ନିମନ୍ତେ ଆମ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସଂପନ୍ନ ଚିନ୍ତାଧାରା ଏବଂ କୃଷି କ୍ଷେତ୍ରର ଉନ୍ନତି ପାଇଁ ରହିଥିବା ଗଭୀର ନିଷ୍ଠା ଏବଂ ପ୍ରତିବଦ୍ଧତା ପାଇଁ ଆମ ରାଜ୍ୟକୁ ସମ୍ମାନଜନକ 'ବିଶ୍ୱ କୃଷି ନେତୃତ୍ୱ ପୁରସ୍କାର'ରେ ସମ୍ମାନିତ କରାଯାଇଛି ।
- ଆମ କୃଷକମାନଙ୍କର ଉତ୍ସର୍ଗୀକୃତ ଉଦ୍ୟମ ଫଳରେ ଆମେ ଆଜି ୨୦୦୦ ମସିହାରେ ଉତ୍ପାଦିତ ହେଉଥିବା ଖାଦ୍ୟଶସ୍ୟର ଦୁଇଗୁଣ ଉତ୍ପାଦନ

କରିବା ପାଇଁ ସକ୍ଷମ ହୋଇଛେ । ଏହା ଏକ ସର୍ବକାଳୀନ ରେକର୍ଡ । ଏହାର ଶ୍ରେୟ ସବୁବେଳେ ଆମ କୃଷକମାନଙ୍କୁ ଦେଇ ଆସିଛନ୍ତି ଆମ ମୁଖ୍ୟମନ୍ତ୍ରୀ ।

- ଆମ ରାଜ୍ୟରେ କୃଷି ଏବଂ କୃଷକ ଯେମିତି ସବୁ ଉପକ୍ରମର ଆଗରେ ରହିବେ ତାକୁ ହିଁ ଆଖି ଆଗରେ ରଖି ରାଜ୍ୟର ବିକାଶ ପାଇଁ ଯୋଜନା କରାଯିବ ବୋଲି ଦୃଢ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି ଆମ ମୁଖ୍ୟମନ୍ତ୍ରୀ ।

## ଆଶ୍ରୟ ସୁରକ୍ଷା



- ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଆମ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ରାଜ୍ୟର ଜନସାଧାରଣଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଯେ, ପର୍ଯ୍ୟାୟକ୍ରମେ ୨୦୧୯ ସୁଦ୍ଧା ରାଜ୍ୟର ସବୁ କଚ୍ଚା ଘରକୁ ପକ୍କାଘରରେ ପରିଣତ କରାଯିବ । ସମସ୍ତଙ୍କୁ **'ଆଶ୍ରୟ ସୁରକ୍ଷା'** ଯୋଗାଇ ଦେବାକୁ ଏକ ମିଶନ ଭାବରେ ଗ୍ରହଣ କରି କାର୍ଯ୍ୟ ଆରମ୍ଭ କରିଥିବା ଆମ ମୁଖ୍ୟମନ୍ତ୍ରୀ ଇତିମଧ୍ୟରେ **'ବିଜୁ ପକ୍କାଘର'** ଏବଂ ଅନ୍ୟାନ୍ୟ ଗୃହ ନିର୍ମାଣ ଯୋଜନାରେ ଦଶଲକ୍ଷ ପକ୍କାଘର ନିର୍ମାଣ କରାଇ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ସେଗୁଡ଼ିକୁ ଲୋକାର୍ପଣ କରିସାରିଲେଣି ।

- ଖୁସିର କଥା ଯେ ଆମ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଫଳରେ ୧୩ଟି ଆଦିମ ଆପଦଗ୍ରସ୍ତ ଜନଜାତି ବର୍ଗର ସାଢ଼େ ୯ ହଜାରରୁ ଅଧିକ ଜନଜାତିଙ୍କୁ 'ବିଜୁ ପକ୍କାଘର' ଯୋଜନାରେ ବାସଗୃହ ଯୋଗାଇ ଦିଆଯାଇଛି ।

- କାର୍ଯ୍ୟାଦେଶ ପାଇବାର ୪ ମାସ ଭିତରେ ଘର ତିଆରି ସାରିଲେ ୨୦ ହଜାର ଟଙ୍କା ଓ ୬ ମାସ ମଧ୍ୟରେ ସାରିଲେ ୧୦ ହଜାର ଟଙ୍କା **'ବିଜୁ ପ୍ରୋତ୍ସାହନ ଯୋଜନା'**ରେ ହିତାଧିକାରୀମାନଙ୍କୁ ପ୍ରୋତ୍ସାହନ ଆକାରରେ ଯୋଗାଇ ଦିଆଯାଉଛି । ବର୍ତ୍ତମାନ ସୁଦ୍ଧା ହିତାଧିକାରୀମାନଙ୍କୁ ପ୍ରାୟ ୧୦ କୋଟି ଟଙ୍କାର

"ଆଶ୍ରୟ ପାଇଁ ଆମ ମୁଣ୍ଡ ଉପରେ ଛାତଟିଏ ନଥିଲା । ବିଜୁ ପକ୍କାଘର ଯୋଜନାରେ ମୁଁ ନିଜ ପାଇଁ ଘରଟିଏ କରିପାରିଲି । ମୁଣ୍ଡ ଗୁଞ୍ଜିବା ପାଇଁ ମତେ ନିରାପଦ ଘର ମିଳିଲା । ଆମ ଭଳି ଗରିବଙ୍କ ପାଇଁ 'ବିଜୁ ପକ୍କାଘର ଯୋଜନା' କରିଥିବା ଆମ ମୁଖ୍ୟମନ୍ତ୍ରୀଙ୍କୁ ଅଶେଷ ଧନ୍ୟବାଦ ।"



ଲକ୍ଷ୍ମୀପ୍ରିୟା ପାଣି
ସନ୍ତରା, ମଙ୍ଗରାଜପୁର
କୁଜଙ୍ଗ, ଜଗତସିଂହପୁର

ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି । ନିଜର ବିଜୁ ପକ୍କାଘର ଠିକ୍ ସମୟରେ ସାରି, ପ୍ରୋତ୍ସାହନ ବାବଦରେ ମିଳିଥିବା ଟଙ୍କାରେ ଘରକରଣା ସାମଗ୍ରୀ କିଣି ଏବେ ହିତାଧିକାରୀମାନେ ବେଶ୍ ଖୁସି ।

- ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଝାରସୁଗୁଡା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ ଓ ସୁନ୍ଦରଗଡ ଜିଲ୍ଲାର **ଖଣି କାର୍ଯ୍ୟ ଦ୍ୱାରା ପ୍ରଭାବିତ ଗ୍ରାମରେ ବସବାସ କରୁଥିବା ୫୦ ହଜାର ପରିବାରଙ୍କୁ 'ବିଜୁ ପକ୍କାଘର'** ଯୋଗାଇ ଦେବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯାହା ଏବେ ଦ୍ରୁତ ଗତିରେ କାର୍ଯ୍ୟକାରୀ କରାଯାଉଛି ।

- ସହରାଞ୍ଚଳରେ ଆର୍ଥିକ ଅନଗ୍ରସର ଓ ନିମ୍ନ ଆୟକାରୀ ବର୍ଗର ପରିବାରଙ୍କୁ ବାସଗୃହ ଯୋଗାଇଦେବା ପାଇଁ ଆମ ମୁଖ୍ୟମନ୍ତ୍ରୀ **'ଆବାସ'** ଯୋଜନାର ଶୁଭାରମ୍ଭ କରିଛନ୍ତି । ଦୁଇବର୍ଷ ମଧ୍ୟରେ ସହରାଞ୍ଚଳ ଗରିବଙ୍କ ବାସଗୃହ ଚାହିଦା ପୂରଣ କରିବା ଏହି ଯୋଜନାର ଲକ୍ଷ୍ୟ ।

## ଖାଦ୍ୟ ସୁରକ୍ଷା



ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ କାର୍ଯ୍ୟକାରୀ କରାଯାଇ ଚିହ୍ନିତ ପରିବାରଗୁଡ଼ିକ ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରାଯାଇଛି । **ରାଜ୍ୟର ୮୪ ଲକ୍ଷରୁ ଉର୍ଦ୍ଧ୍ୱ ପରିବାରର ୩ କୋଟି ୧୬ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯାଇଛି ।**

- ପ୍ରତ୍ୟେକ ହିତାଧିକାରୀଙ୍କୁ ମାସକୁ ୫ କିଲୋ ଚାଉଳ ଏବଂ ଗହମ ଏବଂ ଅନ୍ତ୍ୟୋଦୟ ଅନ୍ନ ଯୋଜନା ହିତାଧିକାରୀଙ୍କୁ ମାସକୁ ୩୫ କିଲୋ ଚାଉଳ କିଲୋ ପ୍ରତି ୧ ଟଙ୍କା ଦରରେ ଯୋଗାଇ ଦିଆଯାଉଛି ।


- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ଫଳରେ ରାଜ୍ୟବାସୀଙ୍କ ପାଇଁ ଆବଶ୍ୟକ ଚାଉଳ ଗହମ ଅନୁପାତରେ କେନ୍ଦ୍ର ସରକାର ଆବଶ୍ୟକୀୟ ପରିବର୍ତ୍ତନ କରିଛନ୍ତି ।
- ଅନୁସୂଚିତ ଜାତି ଏବଂ ଜନଜାତି ଛାତ୍ରାବାସକୁ ଯୋଗାଇ ଦିଆଯାଉଥିବା ରିହାତି ମୂଲ୍ୟର ଚାଉଳ ଯୋଗାଣ କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନ୍‌ରୁ ବାଦ୍ ପଡ଼ିଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଛାତ୍ରାବାସଗୁଡ଼ିକୁ ଟଙ୍କିକିଆ ଚାଉଳ ଯୋଗାଣ ଅବ୍ୟାହତ ରଖାଯାଇଛି ।
- **ଧାନ ସଂଗ୍ରହଣ**ରେ କୃଷକମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ପାଇଁ ରାଜ୍ୟ ସରକାର ସୁବନ୍ଦୋବସ୍ତ କରିଛନ୍ତି ।
- ଧାନ ସଂଗ୍ରହଣ ପ୍ରକ୍ରିୟାକୁ ସରଳୀକରଣ କରିବା ପାଇଁ **ଚାଷୀ ପଞ୍ଜିକରଣ ଓ ପି–ପାସ୍** ବ୍ୟବସ୍ଥା ଅନୁସରଣ କରାଯାଉଛି । ଧାନର ମୂଲ୍ୟ ଚାଷୀଙ୍କ ଜମାଖାତାରେ ସିଧାସଳଖ ଜମା କରାଯିବାର ବ୍ୟବସ୍ଥା କରାଯାଇଛି । ଗତବର୍ଷ ଚାଷୀଭାଇମାନଙ୍କୁ ଧାନ କ୍ରୟ ବାବଦରେ ୬୦୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି ।

## ସାମାଜିକ ସୁରକ୍ଷା



ରାଜ୍ୟର ଜନସାଧାରଣଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବାରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ସାରା ଦେଶରେ ଅଗ୍ରଣୀ । ତାଙ୍କଦ୍ୱାରା ଆମ ରାଜ୍ୟରେ ଆରମ୍ଭ କରାଯାଇଥିବା ସଂଖ୍ୟାଧିକ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଏବେ ଅନ୍ୟ ରାଜ୍ୟମାନଙ୍କ ପାଇଁ

"ମୁଁ ବିଧବା । ମୋ'ର ଚାରିପୁଅ ମରିଯାଇଛନ୍ତି । ମଧୁବାବୁ ପେନ୍‌ସନ୍ ଯୋଜନାରେ ମୋତେ ମାସକୁ ତିନିଶହ ଟଙ୍କା ମିଳୁଛି । ମୋର ସଂସାର ଉଜୁଡି ଯାଇଥିଲା । ଏବେ ପେନ୍‌ସନ୍ ଟଙ୍କାରେ ଚଳୁଛି ।"



ହାର ନାଏକ
ନରଣପୁର, କେନ୍ଦୁଝର

ଅନୁକରଣୀୟ ହୋଇଛି । ରାଜ୍ୟରେ ସମସ୍ତଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବାକୁ ଆମ ମୁଖ୍ୟମନ୍ତ୍ରୀ ସବୁବେଳେ ଅଗ୍ରାଧିକାର ଦେଇଆସିଛନ୍ତି ।

- ରାଜ୍ୟର ବୁଢ଼ାବୁଢ଼ୀ, ବିଧବା, ଭିନ୍ନକ୍ଷମଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା ନିମନ୍ତେ **'ମଧୁବାବୁ ପେନ୍‌ସନ୍ ଯୋଜନା'** ଆରମ୍ଭ କରିଥିଲେ ଆମ ମୁଖ୍ୟମନ୍ତ୍ରୀ । ଏହି ଯୋଜନାର ହିତାଧିକାରୀମାନଙ୍କୁ ପ୍ରତି ମାସରେ ୩୦୦ ଟଙ୍କାର ପେନ୍‌ସନ୍ ଦିଆଯାଉଛି । ୮୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ହିତାଧିକାରୀମାନଙ୍କୁ ମାସକୁ ୫ ଶହ ଟଙ୍କାର ପେନ୍‌ସନ୍ ଦିଆଯାଉଛି ।




- ରାଜ୍ୟର ୪୦ ଲକ୍ଷ ୨୨ ହଜାର ହିତାଧିକାରୀଙ୍କୁ ପେନ୍‌ସନ୍ ଯୋଜନାରେ ସାମିଲ କରାଯାଇ ସାରିଥିବା ବେଳେ 'ମଧୁବାବୁ ପେନ୍‌ସନ୍ ଯୋଜନା'ରେ ଆଉ ଅଧିକ ୩ ଲକ୍ଷ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯିବା ପାଇଁ ଆମ ମୁଖ୍ୟମନ୍ତ୍ରୀ ଏବେ ଘୋଷଣା କରିଛନ୍ତି ।

- ସହରାଞ୍ଚଳକୁ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଅଭାବୀ ଲୋକମାନଙ୍କୁ ୫ ଟଙ୍କାରେ ସୁଲଭ ଭୋଜନ ଯୋଗାଇ ଦେବା ପାଇଁ ଆମ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆରମ୍ଭ କଲେ **'ଆହାର'** ଯୋଜନା । ଏହି ଯୋଜନାରେ ରାଜ୍ୟର ପ୍ରମୁଖ ସହରାଞ୍ଚଳରେ ପ୍ରତିଦିନ ପ୍ରାୟ ୭୦ ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ୬୨ଟି ସହରାଞ୍ଚଳ ଓ ପୌରାଞ୍ଚଳ ଏବଂ ୪୪ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଗୁଡିକରେ ୧୧୦ଟିରୁ ଅଧିକ 'ଆହାର' କେନ୍ଦ୍ର ଖୋଲାଯାଇଛି । ଖାଦ୍ୟ ପ୍ରସ୍ତୁତିରେ ପରିଚ୍ଛନ୍ନତା ଏବଂ ଗୁଣବତ୍ତା ତଥା ପରିବେଷଣରେ ପରିଚ୍ଛନ୍ନତା ଉପରେ ସବୁଠୁ ବେଶୀ ଗୁରୁତ୍ୱ ଦିଆଯାଉଛି । ବର୍ଷକୁ ପ୍ରାୟ ୨ କୋଟିରୁ ଅଧିକ ଲୋକ ଏହି ଯୋଜନାରେ ଉପକୃତ ହେବେ ।

- ୨୦୦୦ ହବିଷିଆଳୀଙ୍କ ପାଇଁ ପୁରୀରେ ରହିବା, ଖାଇବା ଏବଂ ସ୍ୱାସ୍ଥ୍ୟ ସେବା ସହ କାର୍ତ୍ତିକ ମାସରେ ବ୍ରତ ପାଳନ ପାଇଁ ଆନୁଷଙ୍ଗିକ ସୁବିଧା ପ୍ରଦାନର ବ୍ୟବସ୍ଥା କରାଯାଇଛି ।

''ଇ ଆହାର୍ ଯୋଜନା ସର୍‌କାର୍ ଯେନ୍ କରିଛନ୍ ଏଥିଲାଗି ଆମେ ବହୁତ୍ ଖୁସି । ଆର୍ ଆମ୍‌କେ ମହଙ୍ଗା ହୋଟେଲ୍ ଠାନ୍‌କେ ଯିବାର୍ ନାଇ ପଡ୍‌ବାର୍ । ଖାଲି ୫ ଟଙ୍କା ଥିନ ଭାତ୍ ଆର୍ ଡାଲ୍‌ମା ଖାଇ କରି ପେଟ୍ ପୂରିଯାଉଛେ ।''



ବନବାସୀ ବାଘ
ତେଲେଣ୍ଡା, ପ.ମହଲା
ଉଲୁଣ୍ଡା, ସୁବର୍ଣ୍ଣପୁର

# ମହିଳା ସଶକ୍ତିକରଣ

- **ମିଶନ ଶକ୍ତି** କାର୍ଯ୍ୟକ୍ରମ ଜରିଆରେ ସ୍ୱୟଂ ସହାୟକ ଦଳ ଗଠନ କରାଯାଇ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଯିବା ସହିତ ସେମାନଙ୍କର ଅର୍ଥନୈତିକ ବିକାଶ ଓ ସାମାଜିକ ଅଭିବୃଦ୍ଧି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ପାଇଁ ଏକ ସଂକଳ୍ପବଦ୍ଧ ଉଦ୍ୟମ ଆରମ୍ଭ କରିଥିଲେ ଆମ ମୁଖ୍ୟମନ୍ତ୍ରୀ, ଯାହା ଫଳରେ ଆଜି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ନେଇ ୫ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ରାଜ୍ୟରେ ଗଠିତ ହୋଇସାରିଛି ଏବଂ ଗ୍ରାମାଞ୍ଚଳର ମହିଳାମାନଙ୍କ ସାମାଜିକ ଏବଂ ଆର୍ଥିକ ସୁଦୃଢୀକରଣର ଏହି ଉଦ୍ୟମ ଏବେ ରାଜ୍ୟର ମହିଳାମାନଙ୍କ ପାଇଁ ଏକ ଗଣ ଆନ୍ଦୋଳନରେ ପରିଣତ ହୋଇଛି । ବାଳିକା ଓ ମହିଳାମାନଙ୍କ ବିକାଶ ନିମନ୍ତେ ସ୍ୱତନ୍ତ୍ର ନୀତି ପ୍ରଣୟନ, ପଞ୍ଚାୟତିରାଜ ଏବଂ ପୌରପାଳିକା ବ୍ୟବସ୍ଥାରେ ୫୦% ସ୍ଥାନ ସଂରକ୍ଷଣ ଦ୍ୱାରା ସେମାନଙ୍କର ରାଜନୈତିକ ସଶକ୍ତିକରଣ ସହିତ ସାମାଜିକ ସୁରକ୍ଷା ଯୋଗାଇ ଦିଆଯାଇ ସେମାନଙ୍କୁ ସଶକ୍ତ କରାଯାଇଛି ।
- ଗର୍ଭବତୀ ଓ ପ୍ରସୂତିମାନଙ୍କ ନିମନ୍ତେ ଆମ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଅଭିନବ ଯୋଜନା **'ମମତା'**ରେ ଏବେ ଦୁଇ କିସ୍ତିରେ ୫ ହଜାର ଟଙ୍କା ପ୍ରଦାନ କରାଯାଉଛି । ରାଜ୍ୟର ୨୨ ଲକ୍ଷ ମା'ମାନଙ୍କୁ ଏକ ହଜାର କୋଟି ଟଙ୍କାରୁ ଅଧିକ ସହାୟତା ମିଳିସାରିଥିବା ବେଳେ ଏଇ ଦୁଇ ବର୍ଷରେ ଅନ୍ୟୂନ ୫୦୦ କୋଟି ଟଙ୍କା 'ମମତା' ଯୋଜନାରେ ଗର୍ଭବତୀ ଓ ପ୍ରସୂତିମାନଙ୍କୁ ଯୋଗାଇ ଦିଆଯାଇଛି ।




" 'ମମତା' ଯୋଗୁଁ ମୁଁ ସୁସ୍ଥ ଏବଂ ନିରାପଦ ମାତୃତ୍ୱ ଲାଭ କଲି । ମୋରି ଭଳି ହଜାର ହଜାର ମା' 'ମମତା' ଯୋଗୁଁ ଉପକୃତ ହେଉଛନ୍ତି । ଏଭଳି ଯୋଜନା କରିଥିବା ଆମ ମୁଖ୍ୟମନ୍ତ୍ରୀଙ୍କୁ ଅଶେଷ ଧନ୍ୟବାଦ ।"



ରେଶମା ବେଗମ୍
ଏମ୍.ଜି. ରୋଡ୍
ଆସ୍କା, ଗଞ୍ଜାମ

- ରାଜ୍ୟରେ କନ୍ୟା ଶିଶୁଙ୍କ ଜନ୍ମ ହାର ବୃଦ୍ଧି, ଯତ୍ନ ଓ ବିକାଶକୁ ଦୃଷ୍ଟିରେ ରଖି **'ବିଜୁ କନ୍ୟା ରତ୍ନ'** ନାମକ ଏକ ଯୋଜନା ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ଅନୁଗୋଳ, ଢ଼େଙ୍କାନାଳ ଏବଂ ଗଞ୍ଜାମ ଜିଲ୍ଲାରେ ଶୁଭାରମ୍ଭ କରାଯାଇଛି । ଏହି ଯୋଜନା ରାଜ୍ୟରେ କନ୍ୟା ସନ୍ତାନର ସ୍ୱାସ୍ଥ୍ୟ, ପୁଷ୍ଟି, ନିରାପତ୍ତା ଏବଂ ବଞ୍ଚି ରହିବା ନିମନ୍ତେ ଉପଯୁକ୍ତ ଉପାଦାନ ସୁନିଶ୍ଚିତ କରିବ ।
- **'ବିଜୁ ଯୁବ ସଶକ୍ତିକରଣ ଯୋଜନା'** ମାଧ୍ୟମରେ ରାଜ୍ୟର ମହାବିଦ୍ୟାଳୟ ଛାତ୍ରୀମାନଙ୍କୁ **ଆତ୍ମରକ୍ଷା କୌଶଳରେ ପ୍ରଶିକ୍ଷଣ** ଦିଆଯାଉଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆତ୍ମରକ୍ଷା କୌଶଳରେ ଅଧ୍ୟୟନରତ ପ୍ରାୟ ୩.୭୫ ଲକ୍ଷ ଛାତ୍ରୀ ପ୍ରଶିକ୍ଷିତ ହୋଇଛନ୍ତି ।

## ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା



ରାଜ୍ୟବାସୀଙ୍କୁ ମିଳୁଥିବା ସ୍ୱାସ୍ଥ୍ୟସେବାକୁ ଆହୁରି ବ୍ୟାପକ ଏବଂ ଲୋକାଭିମୁଖୀ କରାଇବା ପାଇଁ ଆମ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ୨୦୧୪ ସାଧାରଣ ନିର୍ବାଚନ ସମୟରେ ଓଡ଼ିଶାର ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ଗୋଟିକ ପରେ ଗୋଟିଏ ପୂରଣ କରିଚାଲିଛନ୍ତି ।

- ଏବେ ଜିଲ୍ଲାରୁ ଗାଁ ପର୍ଯ୍ୟନ୍ତ ସବୁଠି ରୋଗୀଙ୍କୁ **'ନିରାମୟ'** ଯୋଜନାରେ ମିଳୁଛି ବିନା ମୂଲ୍ୟରେ ଔଷଧ । ଆମ ରାଜ୍ୟରେ 'ରାଜ୍ୟ ଔଷଧ ନିଗମ' ଦ୍ୱାରା ସବୁ ରୋଗର ଔଷଧ କିଣାଯାଇ ପ୍ରାୟ ୫୦୦ଟି ଔଷଧ ବିତରଣ କେନ୍ଦ୍ର ଜରିଆରେ ୩୨ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ୩ଟି ମେଡ଼ିକାଲ୍ କଲେଜ୍ ଓ ହସ୍ପିଟାଲ ଏବଂ ୩୭୭ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଯୋଗାଇ

ଦିଆଯାଉଛି । ୬୫ଟି କେନ୍ଦ୍ରରେ ଦିନରାତି ସବୁବେଳେ ଔଷଧ ମିଳୁଛି । 'ନିରାମୟ' ଯୋଜନାରେ ଇତି ମଧ୍ୟରେ ୯୦ ଲକ୍ଷରୁ ଅଧିକ ଲୋକ ଉପକୃତ ହେଲେଣି ।



- ରାଜ୍ୟରେ ଡ଼ାକ୍ତରମାନଙ୍କ ଅଭାବ ପୂରଣ କରିବା ଏବଂ ଚିକିତ୍ସା ସେବାକୁ ଆହୁରି ବ୍ୟାପକ କରାଯିବା ଲକ୍ଷ୍ୟରେ ଆମ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ **୭ଟି ନୂଆ ସରକାରୀ ମେଡ଼ିକାଲ କଲେଜ୍** ପ୍ରତିଷ୍ଠା କରାଉଛନ୍ତି । ବଲାଙ୍ଗୀର, ବାରିପଦା, ବାଲେଶ୍ୱର, ପୁରୀ, କେଉଁଝର ଏବଂ କୋରାପୁଟରେ କାମ ଆଗେଇ ଚାଲିଛି । ୨୦୧୭-୧୮ ଶିକ୍ଷାବର୍ଷରୁ ୨ଟି ସରକାରୀ ମେଡ଼ିକାଲ କଲେଜରେ ପାଠପଢ଼ା ଆରମ୍ଭ ହେବ । ଏବେ କଳାହାଣ୍ଡିରେ ଆଉ ଏକ ନୂଆ ସରକାରୀ ମେଡିକାଲ କଲେଜ ସ୍ଥାପନ କରାଯିବା ପାଇଁ ଘୋଷଣା କରିଛନ୍ତି ଆମ ମୁଖ୍ୟମନ୍ତ୍ରୀ । ଦୁଇମାସ ମଧ୍ୟରେ ଏହାର କାମ ଆରମ୍ଭ କରାଯିବ । ରୋଗୀଙ୍କୁ ଏଣିକି ସୁବିଧାରେ ଚିକିତ୍ସା ମିଳିବ, ପଛୁଆ ଅଞ୍ଚଳରେ ଡାକ୍ତରଙ୍କ ସଂଖ୍ୟା ବଢ଼ିବ ।
- ବ୍ରହ୍ମପୁର ଓ କଟକ **ମେଡ଼ିକାଲ କଲେଜ ପାଠ୍ୟକ୍ରମରେ ସ୍ଥାନ ସଂଖ୍ୟା ବୃଦ୍ଧି** କରାଯାଇଛି ।
- ବୁର୍ଲାସ୍ଥିତ 'ଭୀମସାର' ଓ ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି. ମେଡିକାଲ କଲେଜକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରାଯାଇଛି ।
- **କ୍ୟାପିଟାଲ ହସ୍ପିଟାଲରେ ସ୍ନାତକୋତ୍ତର ଶିକ୍ଷାନୁଷ୍ଠାନ** ଖୋଲାଯାଉଛି ।
- ଶିଶୁ ଓ ମାତୃ ମୃତ୍ୟୁ ହାର ହ୍ରାସ କରିବା ଲକ୍ଷ୍ୟରେ ରାଜ୍ୟର **୪୪ଟି ସ୍ଥାନରେ ମାତୃ ଓ ଶିଶୁ ଚିକିତ୍ସା ଅନୁଷ୍ଠାନ** ଖୋଲିଛି । ଏସବୁ ଅନୁଷ୍ଠାନରେ ୩୦ ରୁ ୧୨୫ଟି ଶଯ୍ୟାର ବ୍ୟବସ୍ଥା କରାଯାଇଛି ।
- ଝାରସୁଗୁଡାଠାରେ ଏକ ୧୦୦ ଶଯ୍ୟା ବିଶିଷ୍ଟ **ହୃଦ୍‌ରୋଗ ଚିକିତ୍ସାଳୟ** ଖୁବ୍ ଶୀଘ୍ର ପ୍ରତିଷ୍ଠା କରାଯିବ ।

"ମୋର ଦେହ ଖରାପ ହେବାରୁ ମୁଁ ଆଶା ଦିଦିଙ୍କ ସାଙ୍ଗରେ ଯାଇ ଡ଼ାକ୍ତରଙ୍କ ସହ ପରାମର୍ଶ କଲି । ତାଙ୍କ ପରାମର୍ଶ ଅନୁସାରେ ନିରାମୟ କେନ୍ଦ୍ରରୁ ଔଷଧ ନେଲି । ବିନାମୂଲ୍ୟରେ ଔଷଧ ମିଳିବାରୁ ବହୁତ ସୁବିଧା ହେଲା । ରୋଗ, ବଇରାଗ ହେଲେ ଗରିବ ଲୋକେ ଔଷଧ ଟିକିଏ ପାଇଁ କେତେ ହଇରାଣ ହୁଅନ୍ତି । ଏବେ 'ନିରାମୟ' ଆମକୁ ନିଶ୍ଚିନ୍ତ କରିଛି ।"



ମାର୍ଥା ବାଘ
ତଣ୍ଡା
ନବରଙ୍ଗପୁର

- ସ୍ୱାସ୍ଥ୍ୟସେବା ଏବଂ ସ୍ୱାସ୍ଥ୍ୟ ଶିକ୍ଷାକୁ ସୁବ୍ୟବସ୍ଥିତ କରିବା ପାଇଁ ଆମ ରାଜ୍ୟରେ ଏକ **ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ** ପ୍ରତିଷ୍ଠା କରାଯାଉଛି ।
- ୧୫୦ଟି **ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା କେନ୍ଦ୍ର** ସହାୟତାରେ ୪୭୦୦ ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି ।



- ଗାଁ ଓ ସହର ସବୁଠି ଗରିବ ରୋଗୀମାନଙ୍କ ଚିକିତ୍ସା ଖର୍ଚ୍ଚ ଆମ ସରକାର **ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି**ରୁ ଦେଉଛନ୍ତି । ଜଣେ ରୋଗୀଙ୍କ ଚିକିତ୍ସା ପାଇଁ ଉକ୍ତ ପାଣ୍ଠିରୁ ସର୍ବାଧିକ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯାଉଛି । ଗତ ୨ ବର୍ଷ ଭିତରେ ୨୫ ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଏ ପାଣ୍ଠିରୁ ୬୦ କୋଟିରୁ ଅଧିକ ଟଙ୍କା ଚିକିତ୍ସା ପାଇଁ ଯୋଗାଇ ଦିଆଯାଇଛି ।

"ମୋ ରୋଗର ଚିକିତ୍ସା ପାଇଁ ପାଖରେ ଟଙ୍କାଟିଏ ନଥିଲା । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨୦ ହଜାର ଟଙ୍କାର ସାହାଯ୍ୟ ପାଇଲି । ଚିକିତ୍ସା ଖର୍ଚ୍ଚରେ ଲାଗିଲା । ବହୁତ ଉପକୃତ ହେଲି ।"



ସଂଯୁକ୍ତା ବେହେରା
ରଘୁନାଥପୁର
ବାରକୋଟ
ଦେବଗଡ଼

- କୌଣସି ଗୁରୁତର ରୋଗର ଚିକିତ୍ସା ପାଇଁ ଅଧିକ ଟଙ୍କା ଆବଶ୍ୟକ ହେଲେ ଆମ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ଦରକାର ପଡୁଥିବା ଅଧିକ ଟଙ୍କା ମଧ୍ୟ ଚିକିତ୍ସା ପାଇଁ ଯୋଗାଇ ଦିଆଯାଉଛି ।
- ରାଜ୍ୟର ଗରିବ ଓ ଅଭାବଗ୍ରସ୍ତ ଲୋକଙ୍କ ଚିକିତ୍ସା ଏବଂ ପ୍ରାକୃତିକ ଦୁର୍ବିପାକରେ ପ୍ରଭାବିତ ଲୋକଙ୍କୁ **'ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି'**ରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି ।
- ଗତ ଦୁଇ ବର୍ଷରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩୦ ହଜାରରୁ ଊର୍ଦ୍ଧ୍ୱ ଅଭାବଗ୍ରସ୍ତ ଲୋକଙ୍କୁ ୩୦ କୋଟିରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

- ପ୍ରତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏବେ ସଫଳତାର ସହିତ କ୍ୟାନ୍ସର ରୋଗର ଚିକିତ୍ସା କରାଯାଉଛି ।
- କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରକୁ ଦେଶର ଅନ୍ୟତମ ଉତ୍କର୍ଷ କେନ୍ଦ୍ର ଭାବରେ ପ୍ରତିଷ୍ଠା କରାଯାଇଛି । କର୍କଟ ରୋଗର ଅତ୍ୟାଧୁନିକ ଚିକିତ୍ସା ପାଇଁ ଏଠାରେ ଲିନାକ୍ ଏକ୍ସିଲେଟର ମେସିନ୍ ସ୍ଥାପନ କରାଯାଇଛି ।
- ରାଜ୍ୟରେ ଥିବା ୫୭ଟି ରକ୍ତ ଭଣ୍ଡାରଗୁଡ଼ିକର ଉନ୍ନତି ପାଇଁ ସରକାର ୫ କୋଟି ଟଙ୍କା ବ୍ୟୟ କରିଛନ୍ତି । ଏଗୁଡ଼ିକର ଆଧୁନିକୀକରଣ ଏବଂ ବୈଷୟିକ କର୍ମଚାରୀ ନିଯୁକ୍ତି ନିମନ୍ତେ ଆଉ ୧୫ କୋଟି ଟଙ୍କା ବ୍ୟୟ କରାଯିବ ।
- ଏ ଭିତରେ ୧୫୫୫ ଜଣ ଡାକ୍ତର, ୧୫୧ ଜଣ ଦନ୍ତ ଚିକିତ୍ସକଙ୍କୁ ନିଯୁକ୍ତି ଦିଆଯାଇଛି । ୪୪୨ ଜଣ ଆୟୁର୍ବେଦ ଓ ହୋମିଓପାଥିକ୍ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି । ୫୦୦ ନୂଆ ଡାକ୍ତର ପଦବୀ ସୃଷ୍ଟି କରାଯାଇଛି । ଏବେ ୩୬୩ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ଖୁବ୍‌ଶୀଘ୍ର ଆଉ ୮୦୦ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ ।




- କେ.ବି.କେ ଅଞ୍ଚଳରେ ଅଧିକ ୨୦୦ ଡାକ୍ତରଙ୍କୁ ନିୟୋଜିତ କରାଯିବ । ଏବେ ଏ ଅଞ୍ଚଳରେ ରହିଥିବା ଡାକ୍ତର ଅଭାବକୁ ଆହୁରି କମ୍ କରାଯିବ ।
- ଗରିବ ପରିବାରର ମୃତ ଆତ୍ମୀୟସ୍ୱଜନଙ୍କ ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ **'ହରିଶ୍ଚନ୍ଦ୍ର ସହାୟତା ଯୋଜନା'** ଜରିଆରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ପଞ୍ଚାୟତ ସ୍ତରରେ ସରପଞ୍ଚ ଏବଂ ପୌରାଞ୍ଚଳରେ ପୌର ଅଧକ୍ଷମାନଙ୍କ ଦ୍ୱାରା ଏହି ଅର୍ଥ ପ୍ରଦାନ କରାଯାଉଛି । କୌଣସି ଦାବିଦାର ନଥିବା ମୃତଦେହ ସଂସ୍କାର ନିମନ୍ତେ ସଂପୃକ୍ତ ଉପ ଜିଲ୍ଲାପାଳମାନଙ୍କୁ କ୍ଷମତା ଦିଆଯାଇଛି ।

ଏହି ଯୋଜନାରେ ଗତ ଦୁଇ ବର୍ଷରେ ୧ ଲକ୍ଷ ୯୨ ହଜାରରୁ ଊର୍ଦ୍ଧ୍ୱ ପରିବାରଙ୍କୁ ୩୬ କୋଟି ଟଙ୍କା ଆର୍ଥିକ ସହାୟତା ଆକାରରେ ଦିଆଯାଇଛି ।

- ରାଜ୍ୟର ୩୦ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ସରକାରୀ ମେଡିକାଲ କଲେଜରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ଶବ ପରିବହନ ନିମନ୍ତେ ତାଙ୍କ ସ୍ୱଜନମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଆରମ୍ଭ କରାଯାଇଛି **'ମହାପ୍ରୟାଣ ଯୋଜନା'** । ଗରିବ ଲୋକଙ୍କୁ ବିନା ଖର୍ଚ୍ଚରେ ଏହି ଯୋଜନାରେ ଆତ୍ମୀୟସ୍ୱଜନଙ୍କ ମୃତ ଦେହ ସତ୍କାର ନିମନ୍ତେ ନେଇଯିବା ପାଇଁ ସୁବିଧା ଯୋଗାଇ ଦିଆଯିବା ସହିତ ଅନ୍ୟମାନଙ୍କୁ ସ୍ୱଳ୍ପ ଅର୍ଥ ବ୍ୟୟରେ ଏହି ସୁବିଧା ଲାଭ କରିବା ପାଇଁ ବ୍ୟବସ୍ଥା କରାଯାଇଛି ।
- ୪୧ଟି ନୂତନ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ କେନ୍ଦ୍ର ସହାୟତାରେ ଏଣିକି ସ୍ୱାସ୍ଥ୍ୟ ସେବା ଅପହଞ୍ଚ ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ଯୋଗାଇ ଦିଆଯିବ ।



- ଜରୁରିକାଳୀନ ସ୍ୱାସ୍ଥ୍ୟ ସେବା ନିମନ୍ତେ ଆହୁରି ୧୦୦ଟି ଅଧିକ ଆମ୍ବୁଲାନ୍ସ ଉପଯୋଗ କରାଯିବ ।
- ଅନୁମୋଦିତ ୬୮୦୦ରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟ କର୍ମଚାରୀ ପଦବୀରୁ ଏ ବର୍ଷ ୫୧୨୦ ଜଣ ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତି ପାଇବେ ।
- ସ୍ୱାସ୍ଥ୍ୟ ସେବାକୁ ଅଧିକ ବ୍ୟାପକ କରିବା ପାଇଁ ସରକାରୀ-ଘରୋଇ ସହଭାଗିତାରେ ମିତବ୍ୟୟୀ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କରାଯିବ ।
- ଆଗାମୀ ସମୟରେ ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ସୁଦୃଢ଼ୀକରଣ ସହିତ ସାଧାରଣ ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇ ଏହାକୁ ଏକ ନୂତନ ଶିଖରରେ ପହଞ୍ଚାଇବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି ଆମ ମୁଖ୍ୟମନ୍ତ୍ରୀ ।

# ଶିକ୍ଷିତ ଓଡ଼ିଶା, ଶ୍ରେଷ୍ଠ ଓଡ଼ିଶା

ଶିକ୍ଷାର ସବୁ ସ୍ତରରେ ବ୍ୟାପକ ପରିବର୍ତ୍ତନ ଅଣାଯିବା ସହିତ ଏହାକୁ ସାର୍ବଜନୀନ କରାଯିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି ଆମ ମୁଖ୍ୟମନ୍ତ୍ରୀ ।

- ଉଚ୍ଚଶିକ୍ଷା ପାଇଁ ୧% ସୁଧରେ ଶିକ୍ଷାଋଣ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରି **''କଳିଙ୍ଗ ଶିକ୍ଷା ସାଥୀ ଯୋଜନା''**ର ଶୁଭାରମ୍ଭ କରିଛନ୍ତି ।
- ଏହି ଯୋଜନାରେ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ ଥିବା ପରିବାରର ପିଲାମାନଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ୧ ପ୍ରତିଶତ ସୁଧରେ ମିଳିବ ।
- ଏ ବାବଦରେ ସରକାର ୫୦୦ କୋଟି ଟଙ୍କା ନିଜସ୍ୱ ପାଣ୍ଠିରୁ ବ୍ୟୟ କରିବେ । ଫଳରେ ଗରିବ ଏବଂ ମେଧାବୀ ଛାତ୍ରଛାତ୍ରୀ ଏବଂ ତାଙ୍କର ପିତାମାତାଙ୍କୁ ଉଚ୍ଚଶିକ୍ଷା ବାବଦ ଋଣବୋଝରୁ ମୁକ୍ତି ମିଳିବ ।



- ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ସିବିଏସ୍ଇ ମାଧ୍ୟମ ଶିକ୍ଷା ସୁଯୋଗ ଦେବା ପାଇଁ ଆମ ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ପ୍ରତି ବ୍ଲକ୍‌ରେ **''ଓଡ଼ିଶା ଆଦର୍ଶ ବିଦ୍ୟାଳୟ''** ସ୍ଥାପନ କରାଯାଉଛି । ଏଠାରେ ମେଧାଭିତ୍ତିରେ ନାମ ଲେଖାଉଥିବା ପିଲାମାନଙ୍କୁ ଛାତ୍ରାବାସ, ପାଠ୍ୟପୁସ୍ତକ, ସ୍କୁଲ ୟୁନିଫର୍ମ ଯୋଗାଇ ଦିଆଯାଉଛି । ବିଜ୍ଞାନ, ଗଣିତ, ଇଂରାଜୀ, କମ୍ପ୍ୟୁଟର ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବା ସହିତ ଇଂରାଜୀ ଓ କଳା ଶିକ୍ଷାକୁ ମଧ୍ୟ ପ୍ରୋତ୍ସାହିତ କରାଯାଉଛି ।


ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପାଠ୍ୟକ୍ରମରେ ଓଡ଼ିଆକୁ ଏକ ବାଧ୍ୟତାମୂଳକ ବିଷୟ ଭାବରେ ରଖାଯାଇଛି ।

- ଏହି ବର୍ଷଠାରୁ ୧୦୦ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶିକ୍ଷାଦାନ ଆରମ୍ଭ ହୋଇଛି ।
- ୧୦ ହଜାର ଛାତ୍ରଛାତ୍ରୀଙ୍କୁ ପ୍ରତିବର୍ଷ **ଛାତ୍ରବୃତ୍ତି** ମିଳୁଛି ।
- ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଛାତ୍ରଛାତ୍ରୀଙ୍କୁ ସ୍କୁଲ ୟୁନିଫର୍ମ ଯୋଗାଇ ଦିଆଯାଉଛି ।



- ବାଳିକା ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟରେ ୧୮୨ଟି **କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ** ଖୋଲାଯାଇ ୧୮୨୦୦ ବାଳିକାଙ୍କୁ ଆବାସିକ ଶିକ୍ଷା ଦିଆଯାଉଛି ।
- ସ୍ୱତନ୍ତ୍ର ଧ୍ୟାନ ଆବଶ୍ୟକ କରୁଥିବା ୧୦ ଲକ୍ଷରୁ ଊର୍ଦ୍ଧ୍ୱ ପିଲାଙ୍କୁ ବିଦ୍ୟାଳୟରେ ନାମ ଲେଖାଯାଇଛି । ୨୧ ଶହରୁ ଅଧିକ ଦୃଷ୍ଟିଶକ୍ତି ହରାଇଥିବା ପିଲାଙ୍କୁ ବ୍ରେଲି ବହି, ୧୩ ହଜାର ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସହ ସହାୟକ ବ୍ୟବସ୍ଥା ଏବଂ ୬ ହଜାରରୁ ଊର୍ଦ୍ଧ୍ୱ ପିଲାଙ୍କୁ ପରିବହନ ଭତ୍ତା ପ୍ରଦାନ କରାଯାଉଛି ।
- + ୨ ଶିକ୍ଷାକୁ ମାଧ୍ୟମିକ ସ୍ତରକୁ ଅଣାଯାଇ ଏହାକୁ ଅଧିକ ସୁସଂହତ କରିବା ପାଇଁ ଉଦ୍ୟମ କରାଯାଉଛି । ଭାଷା ଶିକ୍ଷା ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦିଆଯିବା ସହିତ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଭାଷାରେ ପାରମ୍ଭିକ ଶିକ୍ଷାଦାନ ପାଇଁ **ଜନଜାତିଙ୍କ ଭାଷାରେ ପାଠ୍ୟପୁସ୍ତକ ପ୍ରଣୟନ** କରାଯାଇଛି ।
- ଆର୍ଥିକ ଦୁର୍ବଳ ବର୍ଗର ଛାତ୍ରଛାତ୍ରୀମାନଙ୍କୁ ପ୍ରାଣକୃଷ୍ଣ ପରିଜା ଛାତ୍ରବୃତ୍ତି ଦିଆଯିବା ସହିତ ଓଡ଼ିଆରେ ୯୦ରୁ ଅଧିକ ନମ୍ବର ରଖିଲେ ଫକୀର ମୋହନ ଛାତ୍ରବୃତ୍ତି ଯୋଗାଇ ଦିଆଯାଉଛି ।
- ସିଭିଲ ସର୍ଭିସ୍ ପ୍ରିଲିମିନାରୀରେ ଉତ୍ତୀର୍ଣ୍ଣ ହୋଇଥିବା ରାଜ୍ୟର ପ୍ରତିଯୋଗୀମାନଙ୍କୁ କୋଚିଂ ଓ ମୁଖ୍ୟ ପରୀକ୍ଷାରେ ସଫଳ ହେବା ପାଇଁ ସହାୟତା ପ୍ରଦାନ କରାଯାଉଛି ।

''ମୁଁ ସପ୍ତମ ଶ୍ରେଣୀରେ ପଢୁଛି । ମୋତେ ସରକାରଙ୍କ ତରଫରୁ ସ୍କୁଲ ୟୁନିଫର୍ମଠାରୁ ଆରମ୍ଭ କରି ବହି ଏବଂ ଅନ୍ୟାନ୍ୟ ସବୁ ସୁବିଧାସୁଯୋଗ ମିଳିଛି । ମୋ ବାପା ମା' ମୋ ପାଠ ପଢ଼ିବାର ବୋଝ ଉଠାଉ ନାହାନ୍ତି କି ଅର୍ଥାଭାବରୁ ମୋ ପାଠପଢ଼ା ବନ୍ଦ ହେବାର ଆଶଙ୍କା ନାହିଁ''



ବିଷ୍ଣୁପ୍ରିୟା ଭୋଇ
ହାତୀଶାଳ ଉଚ୍ଚବିଦ୍ୟାଳୟ
ଘୁ.ଉଦୟଗିରି, କନ୍ଧମାଳ ।

- ଅନାଥ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ିବା ପାଇଁ ସବୁ ସୁବିଧା ଦିଆଯିବା ସହିତ +୨ରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ବିନା ଦେୟରେ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି ।
- ୨୦ ହଜାର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀମାନଙ୍କ ରହିବା ପାଇଁ ଆବାସିକ ସୁବିଧା ସୃଷ୍ଟି କରାଯାଉଛି ।
- ଗତବର୍ଷ ରାଜ୍ୟର **ତିନୋଟି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା** ଦିଆଯାଇଛି । ଭୁବନେଶ୍ୱରର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଦେଶର ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟ ହେବାର ଗୌରବ ଅର୍ଜନ କରିଛି ।
- ରାଜ୍ୟର ପଛୁଆ ଅଞ୍ଚଳରେ ନୂତନ ଭାବେ **୮ଟି ମଡେଲ୍ ଡିଗ୍ରୀ କଲେଜ୍** ଖୋଲାଯାଇଛି ।
- ସମ୍ବଲପୁରଠାରେ ରାଜ୍ୟ **ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା** କରାଯାଇଛି ।
- + ୨ ପରୀକ୍ଷାରେ ଉତ୍ତୀର୍ଣ୍ଣ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ **'ବିଜୁ ଯୁବ ସଶକ୍ତିକରଣ ଯୋଜନା'**ରେ ଲାପ୍‌ଟପ୍ ଯୋଗାଇ ଦିଆଯାଉଛି । ବିଗତ ୩ ବର୍ଷ ମଧ୍ୟରେ ରାଜ୍ୟର ୪୫ ହଜାର ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପାଇଁ ଲାପ୍‌ଟପ୍ ବିତରଣ କରାଯାଇଛି ।
- ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମିଶାଇ ଏଣିକି ପ୍ରତିବର୍ଷ ପ୍ରାୟ ୧୧ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଶିକ୍ଷାରେ ନିରନ୍ତରତା ବଜାୟ ରଖିବା ପାଇଁ ବିନା ମୂଲ୍ୟରେ ସାଇକେଲ ଯୋଗାଇ ଦିଆଯିବ ।



# ରାସ୍ତାଘାଟର ବିକାଶ

ଆମ ମୁଖ୍ୟମନ୍ତ୍ରୀ ରାଜ୍ୟର ସହରାଞ୍ଚଳ ସହିତ ଗାଁଗଣ୍ଡା ବହୁଳ ରାଜ୍ୟ ଓଡ଼ିଶାର ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶକୁ ସବୁବେଳେ ଅଗ୍ରାଧିକାର ଦେଇ ଆସିଛନ୍ତି ।



- ୨୦୧୧-୧୨ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗ୍ରାମାଞ୍ଚଳରେ ସେତୁ ନିର୍ମାଣ ପାଇଁ ଏକ ଉତ୍ସର୍ଗୀକୃତ ଯୋଜନା ଭାବରେ ଆରମ୍ଭ କରାଯାଇଥିବା **'ବିଜୁ ସେତୁ ଯୋଜନା'**ରେ ୪୮୧ଟି ସେତୁ ନିର୍ମାଣ କରାଯାଇ ରାଜ୍ୟର ଅଧିକାଂଶ ଗାଁଗଣ୍ଡାକୁ ସବୁଦିନିଆ ଯୋଗାଯୋଗ ବ୍ୟବସ୍ଥା କରାଯାଇଛି ।
- ଗତ ବର୍ଷ ଏହି ଯୋଜନାରେ ବିଭିନ୍ନ ନଦୀନାଳ ଉପରେ ସେତୁ ନିର୍ମାଣ ପାଇଁ ୭୮୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଏ ବର୍ଷ ୪୦୦ କୋଟି ଟଙ୍କା ବ୍ୟୟରେ ୧୫୩ଟି 'ବିଜୁ ସେତୁ' ନିର୍ମାଣ କରାଯିବ ।
- ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ ୧୨୦ଟି **ବେଲି ବ୍ରିଜ୍** ତିଆରି କରାଯାଉଛି । ସେଥିମଧ୍ୟରୁ କେବଳ ମାଲକାନଗିରି ଜିଲ୍ଲାରେ ୧୦ଟି ନୂତନ ବେଲି ବ୍ରିଜ୍ ନିର୍ମିତ ହେଉଛି ।
- ବିଜୁ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ବର୍ଷ ପାଳନ ଅବସରରେ ଆମ ମୁଖ୍ୟମନ୍ତ୍ରୀ ୩୨୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ୫୯ଟି ବିଜୁ ସେତୁ ଓ ୪୧ଟି ବେଲି ବ୍ରିଜ୍ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ।

"ଆମ ଗାଁରେ ବିଜୁ ସେତୁ ହେବା ଦିନଠୁ ଯିବା ଆସିବାରେ ଆଉ ଅସୁବିଧା ନାହିଁ । ବର୍ଷା ଦିନେ ସ୍କୁଲ, ଡାକ୍ତରଖାନା, ହାଟ, ବଜାର ସବୁଠିକି ସୁବିଧାରେ ଯାଇ ହେଉଛି । ଆମ ଗାଁରେ ସମସ୍ତେ ଏବେ ଖୁସି ।"



ଭାଗ୍ୟଲତା ରାଉତ
ସାନକୋଦଣ୍ଡା
ଠାକୁରାଣି ସାହି

- ଅନ୍ୟ କୌଣସି ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ୧୦୦ କିମ୍ବା ତଦୂର୍ଦ୍ଧ୍ୱ ଜନବସତିଗୁଡିକୁ ସବୁଦିନିଆ ରାସ୍ତା ନିର୍ମାଣ କରିବା ପାଇଁ **'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'** କାର୍ଯ୍ୟକାରୀ କରାଯାଇଛି ।



- କେନ୍ଦ୍ର ସରକାର ଆଇଏପି ଯୋଜନା ବନ୍ଦ କରି ଦେଲା ପରେ ଆମ ମୁଖ୍ୟମନ୍ତ୍ରୀ ରାଜ୍ୟର ବିକାଶ ପ୍ରକ୍ରିୟାରେ ବାଧା ନ ପହଞ୍ଚିବା ପାଇଁ ୨୦୧୫-୧୬ରୁ **'ଗୋପବନ୍ଧୁ ଗ୍ରାମୀଣ ଯୋଜନା'**ରେ ୧ ହଜାର କୋଟି ଟଙ୍କାରୁ ଅଧିକ ଅର୍ଥବରାଦ କରି ରାଜ୍ୟର ସବୁ ଜିଲ୍ଲାକୁ ଏହାକୁ ସଂପ୍ରସାରିତ କରାଇଲେ । ଏହା ମାଧ୍ୟମରେ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଯୋଗାଣ, ରାସ୍ତା ତିଆରି, ଜଳସେଚନ ଓ ଜଳଯୋଗାଣ ଭଳି ମୌଳିକ ସୁବିଧା ସୃଷ୍ଟି କରାଯାଉଛି ।


- 'ଗୋପବନ୍ଧୁ ଗ୍ରାମୀଣ ଯୋଜନା'ରେ ଗତ ୨ ବର୍ଷ ମଧ୍ୟରେ ୩୩,୯୧୮ ଗ୍ରାମରେ ୩୪୩୦ କି.ମି ସିମେଣ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଇଛି ।

- ଗତ ବର୍ଷ ୧୬୩୮ କି.ମି. ଦୈର୍ଘ୍ୟର ୪୧୭ଟି ରାସ୍ତା କାମ ଆରମ୍ଭ କରାଯାଇଛି ଏବଂ ଏ ବର୍ଷ ଉକ୍ତ ରାସ୍ତାଗୁଡିକୁ ସଂପୂର୍ଣ୍ଣ କରିବା ପାଇଁ ୩୭୫ କୋଟି ଟଙ୍କା ଖର୍ଚ୍ଚ କରାଯିବ ।

- ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରେ **ଗୁରୁପ୍ରିୟା ସେତୁ** ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ୧୮୭.୨୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ସେତୁ ମାଲକାନଗିରି ଜିଲ୍ଲାର ବିଚ୍ଛିନ୍ନାଞ୍ଚଳ ସହିତ ସବୁଦିନିଆ ଯୋଗାଯୋଗ କ୍ଷେତ୍ରରେ ବହୁ ଉପଯୋଗୀ ସାବ୍ୟସ୍ତ ହେବ ।

- କୋରାପୁଟ ଜିଲ୍ଲାର ଚାନ୍ଦିଲିଠାରୁ ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ପର୍ଯ୍ୟନ୍ତ ୮ଟି ଜିଲ୍ଲାର ଦୁର୍ଗମ, ପଛୁଆ ତଥା ବାମପନ୍ଥୀ ଉଗ୍ରବାଦ ଉପଦ୍ରୁତ ଅଞ୍ଚଳ ଦେଇ ୬୫୬ କିଲୋମିଟର ଦୈର୍ଘ୍ୟର ଅତ୍ୟାଧୁନିକ ୪ ଲେନ୍ ବିଶିଷ୍ଟ **'ବିଜୁ ଏକ୍ସପ୍ରେସ୍**

''ଆମ ଗାଁରେ ସିମେଣ୍ଟ କଂକ୍ରିଟ୍ ରାସ୍ତା ତିଆରି ହେବା ଦ୍ୱାରା ଗ୍ରାମର ଲୋକମାନେ ସୁବିଧାରେ ଯିବା ଆସିବା କରୁଛନ୍ତି । ଆମ ପିଲାମାନେ ସାଇକେଲରେ ଏବେ ସ୍କୁଲ ଯାଉଛନ୍ତି । ଗାଁ ଗହଳିରେ ରାସ୍ତାଘାଟ ଅଭାବ ପୂରଣ ହୋଇଛି । ଏବେ ସବୁ ଗାଁରେ କଂକ୍ରିଟ୍ ରାସ୍ତା, ଆଉ କାଦୁଅ ପାଣିରେ ହଇରାଣ ହେବାକୁ ପଡୁନି । ଆମ ସୁବିଧା ପାଇଁ ଏତେ ଭଲ ଯୋଜନା କରିଥିବା ଆମ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ।''



ରୟେଲ ଏକ୍କା
ହାତିଟୁକ୍କୁ ସୁନ୍ଦରଗଡ଼

**ୱେ'**ର ନିର୍ମାଣ ଆମ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସଂପନ୍ନ ଚିନ୍ତାଧାରାର ଅନ୍ୟ ଏକ ନିଦର୍ଶନ । ବହୁ ବର୍ଷ ପୂର୍ବେ ନିଜର ମୁଖ୍ୟମନ୍ତ୍ରିତ୍ୱ ସମୟରେ ବିଜୁ ପଟ୍ଟନାୟକ ପାରାଦୀପ-ଦୈତାରୀ ଏକ୍ସପ୍ରେସ୍ ୱେ ନିର୍ମାଣ କରାଇଥିଲେ । ଆମ ମୁଖ୍ୟମନ୍ତ୍ରୀ ଆଉ ପାଦେ ଆଗକୁ ଯାଇ **'ବିଜୁ ଏକ୍ସପ୍ରେସ୍ ୱେ'**ର ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଓଡ଼ିଶାର ପ୍ରଗତି ଇତିହାସରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ିଲେ । ଏହି ପ୍ରକଳ୍ପ ବାବଦରେ ୩୬୦୦ କୋଟିରୁ ଅଧିକ ଟଙ୍କା ବ୍ୟୟ କରାଯାଉଛି । ଛତିଶଗଡର ଜଗଦଲପୁରଠାରୁ ରାଉରକେଲା ପର୍ଯ୍ୟନ୍ତ ଏକ ଅର୍ଥନୈତିକ କରିଡର ନିର୍ମାଣ କରିବା ପାଇଁ ଉଦ୍ଦିଷ୍ଟ ଏହି ପ୍ରକଳ୍ପ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡା, ବରଗଡ, ସମ୍ବଲପୁର, ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲାରେ ଅତ୍ୟାଧୁନିକ ସଡ଼କ ଯୋଗାଯୋଗ ସୁବିଧା ସୃଷ୍ଟି କରିବ ।



## ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ

- ଆମ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଦ୍ୱିତୀୟ ଥର ରାଜ୍ୟର ଶାସନ ଭାର ଗ୍ରହଣ କଲାପରେ, ରାଜ୍ୟର ଅନୁସୂଚିତ ଜନଜାତି ଏବଂ ଜାତି ଛାତ୍ରଛାତ୍ରୀଙ୍କୁ ବହୁ ସଂଖ୍ୟାରେ ଶିକ୍ଷା ପ୍ରତି ଆକୃଷ୍ଟ କରାଇବା ତଥା ଏକ ଉତ୍ତମ ଏବଂ ଶୃଙ୍ଖଳିତ ପରିବେଶ ମଧ୍ୟରେ ଶିକ୍ଷାଲାଭ କରିବାର ସୁଯୋଗ ଦେବା ପାଇଁ ଆବାସିକ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଫଳରେ ଆଜି ପ୍ରାଥମିକଠାରୁ ମାଧ୍ୟମିକ ଶ୍ରେଣୀ ପର୍ଯ୍ୟନ୍ତ ୪ ଲକ୍ଷ ୭୦ ହଜାରରୁ ଅଧିକ ଅନୁସୂଚିତ ଜନଜାତି ଓ ଜାତିର ଛାତ୍ରଛାତ୍ରୀମାନେ ଖାଇବା, ପାଠପଢ଼ା ବହି ଏବଂ ସ୍କୁଲ ୟୁନିଫର୍ମ ସହ ନିଜ ଗାଁ ନିକଟରେ ଥିବା



ଆବାସିକ ବିଦ୍ୟାଳୟରେ ରହି ଶିକ୍ଷାଲାଭ କରୁଛନ୍ତି । ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ୧୬୭୦ଟି ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ଏବଂ ୬ ହଜାର ଛାତ୍ରାବାସ ପ୍ରତିଷ୍ଠା କରାଯାଇଛି, ଯେଉଁଠି ପ୍ରତିବର୍ଷ ୪ ଲକ୍ଷ ୩୦ ହଜାର ଛାତ୍ରଛାତ୍ରୀ ପାଠ ପଢିବାର ସୁଯୋଗ ପାଉଛନ୍ତି । **ଆବାସିକ ଶିକ୍ଷା ସୁବିଧା** ପ୍ରଦାନ କରିବାରେ ଆମ ରାଜ୍ୟ ଏବେ ଦେଶର ଏକ ଅଗ୍ରଣୀ ରାଜ୍ୟର ମାନ୍ୟତା ହାସଲ କରିଛି ।



- ଆମ ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନକୁ କାର୍ଯ୍ୟକାରୀ କରାଯାଇ ୨୦୦୦ରୁ **ଅଧିକ ଛାତ୍ର/ଛାତ୍ରୀନିବାସ** ଇତି ମଧ୍ୟରେ ନିର୍ମାଣ କରାଯାଇଛି । ଆଉ ୮୫୦ଟି ଆବାସିକ ଛାତ୍ରାବାସର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି ।
- ରାଜ୍ୟ ତଥା ରାଜ୍ୟ ବାହାରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ପଢୁଥିବା ୩ ଲକ୍ଷ ୨୪ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କୁ **ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି** ଦିଆଯାଇଛି ।
- ପ୍ରତିବର୍ଷ ପ୍ରାୟ ୧୯ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ୧୦୫୫ କୋଟି ଟଙ୍କା ପ୍ରି-ମାଟ୍ରିକ୍ ଏବଂ ପୋଷ୍ଟ-ମାଟ୍ରିକ୍ ଛାତ୍ରବୃତ୍ତି ଆକାରରେ ଦିଆଯାଉଛି ।
- ଏହି ଛାତ୍ରଛାତ୍ରୀମାନଙ୍କ ପାଇଁ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକରେ **ଟିଉସନ୍ ଫି ଓ ବୋର୍ଡ ପରୀକ୍ଷା ଫି ଛାଡ** କରାଯାଇଛି ।
- **'ଆକାଙ୍‌କ୍ଷା'** ଯୋଜନା ମାଧ୍ୟମରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ପାଇଁ ଖାଇବା ବ୍ୟବସ୍ଥା ସହିତ ଭୁବନେଶ୍ୱରରେ ୯୦୦ ଶଯ୍ୟାବିଶିଷ୍ଟ ୨ଟି ହଷ୍ଟେଲ୍ ନିର୍ମାଣ କରାଯାଇଛି ।
- ଅଗ୍ରଣୀ ଘରୋଇ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷାଲାଭ କରିବାର ସୁଯୋଗ ଦେବା ପାଇଁ ଏକ ଯୁଗାନ୍ତକାରୀ ଯୋଜନା **'ଅନ୍ୱେଷା'** ଆରମ୍ଭ

"ମୁଁ ପଦ୍ମଗିରି ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଛି । ଆମ ପାଇଁ ତିଆରି ସ୍ୱତନ୍ତ୍ର ହଷ୍ଟେଲ୍‌ରେ ରହି ମୁଁ ମାଗଣା ବହିପତ୍ର, ଖାଇବା, ସ୍କୁଲ ପୋଷାକ ପାଉଛି । ଏହା ବ୍ୟତୀତ ମୋତେ ସବୁ ପ୍ରକାର ସୁବିଧା ମିଳୁଛି । ମୁଁ ପାଠ ପଢ଼ି ଆମ ଅଞ୍ଚଳର ଟେକ ରଖିବି ।"



ଝରଣା ଖରା
ଚିଡିପାଲି, ଟୁମୁଷାପାଲି
କୋରକୁଣ୍ଡା, ମାଲକାନଗିରି

କରାଯାଇଛି । ପ୍ରତିବର୍ଷ ୫ ହଜାର ଅନୁସୂଚିତ ଜନଜାତି ଓ ଜାତି ପିଲାମାନଙ୍କୁ ଜିଲ୍ଲାର ସହରାଞ୍ଚଳରେ ସ୍ଥାପିତ ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଦେବାର ବ୍ୟବସ୍ଥା ଏହି ଯୋଜନାରେ କରାଯାଇଛି । ଗତବର୍ଷ ଏହି ଯୋଜନାରେ ପ୍ରାୟ ୨୭୦୦ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି ଓ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ୨୫ ହଜାର ଛାତ୍ରଛାତ୍ରୀଙ୍କୁ ଏହିଭଳି ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି । ପିଲାମାନଙ୍କର ରହିବା, ଖାଇବା, ଟିଉସନ୍ ଫି, ବହିପତ୍ର, ପୋଷାକ, ଯାତାୟାତ ବାବଦରେ ସମସ୍ତ ଖର୍ଚ୍ଚ ଏହି ଯୋଜନାରୁ ଯୋଗାଇ ଦିଆଯାଉଛି । ରାଜ୍ୟର ୧୭ଟି ଶିକ୍ଷା ଅନଗ୍ରସର ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଏହା କାର୍ଯ୍ୟକାରୀ ହେଉଛି ।



- ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବାରେ ସାରା ଦେଶରେ ଆମ ରାଜ୍ୟ ଅଗ୍ରଣୀ । ଏ ପର୍ଯ୍ୟନ୍ତ ପ୍ରାୟ ୪ ଲକ୍ଷ ଜନଜାତିଙ୍କୁ ବ୍ୟକ୍ତିଗତ (ଚାଷ ଏବଂ ବାସ) ଅଧିକାର ପ୍ରଦାନ କରାଯାଇଛି । ଏଥିସହିତ ଯୋଗାଇ ଦିଆଯାଇଛି ଜମିକୁ ଚାଷୋପଯୋଗୀ କରିବା ପାଇଁ ଆର୍ଥିକ ସହାୟତା ଏବଂ ବସବାସ କରିବା ପାଇଁ 'ବିଜୁ ପକ୍କାଘର' । ଜଙ୍ଗଲ ଜମି ଉପରେ ଅଧିକାର ମିଳିଥିବା ଭୂମିହୀନ ଜନଜାତିଙ୍କ ପୂର୍ଣ୍ଣ ସଶକ୍ତିକରଣ ପାଇଁ ସବୁ ସୁବିଧାସୁଯୋଗ ଯୋଗାଇ ଦେଇଛନ୍ତି ଆମ ମୁଖ୍ୟମନ୍ତ୍ରୀ ।
- ଆମ ସରକାର ୨୦ କୋଟି ଟଙ୍କା ବ୍ୟୟରେ ଆଦିବାସୀ ଉପଯୋଜନା ଅଞ୍ଚଳରେ ଜବାହର ନବୋଦୟ ବିଦ୍ୟାଳୟ ଢାଞ୍ଚାରେ ୧୦ଟି **'କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ'** ପ୍ରତିଷ୍ଠା କରୁଛନ୍ତି ।

"ମୋତେ ଅଧ ଏକର ଜଙ୍ଗଲ ଜମିର ପଟ୍ଟା ମିଳିଲା । ମୁଁ ଏବେ ସେଠାରେ ଚାଷ କରି ପରିବାର ଚଳାଉଛି । ବହୁତ କଷ୍ଟରେ ଚଳୁଥିଲି । ଏବେ ବଞ୍ଚିବାର ରାହା ମିଳିଛି ।"



ଘାଣ୍ଡା ନାରସିମୁଲୁ
ହୁମୁରିବଣ
ପୁରୁଣା ଛତ୍ରପୁର,
ଗଞ୍ଜାମ

# ନିର୍ମାଣ ଶ୍ରମିକଙ୍କ ସଶକ୍ତିକରଣ



**ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ** ଅଧୀନରେ ପଞ୍ଜିକୃତ ୧୭ ଲକ୍ଷରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ନିମନ୍ତେ କରାଯାଇଥିବା ଯୋଜନାଗୁଡ଼ିକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପରିବର୍ଦ୍ଧନ କରାଇବା ସହିତ ଇତି ମଧ୍ୟରେ ଅନେକଗୁଡ଼ିଏ ନୂତନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି ।

- ୬୦ ବର୍ଷରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକମାନଙ୍କୁ ମାସିକ ୩୦୦ ଟଙ୍କାର ଭତ୍ତା ଏବଂ ୮୦ ବର୍ଷରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କୁ ମାସିକ ୫୦୦ ଟଙ୍କାର ଭତ୍ତା ଦିଆଯିବା ପାଇଁ ଆମ ମୁଖ୍ୟମନ୍ତ୍ରୀ **'ନିର୍ମାଣ ଶ୍ରମିକ ପେନ୍‌ସନ୍ ଯୋଜନା'**ର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନାରେ ବୟସ ନିର୍ବିଶେଷରେ ବିଧବା ଏବଂ ଭିନ୍ନକ୍ଷମ ନିର୍ମାଣ ଶ୍ରମିକମାନଙ୍କୁ ମଧ୍ୟ ସାମିଲ କରାଯାଇଛି ।
- ୩ ବର୍ଷ ଧରି ପଞ୍ଜିକୃତ ହୋଇଥିବା ନିର୍ମାଣ ଶ୍ରମିକଙ୍କୁ ପକ୍କା ବାସଗୃହ ଯୋଗାଣ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ **'ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା'** ଘୋଷଣା କରି ଏହି ଯୋଜନାରେ ପକ୍କାଘର ତିଆରି କରିବା ପାଇଁ ୧ ଲକ୍ଷ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି ।
- ନିର୍ମାଣ ଶ୍ରମିକ ପରିବାରର ୪ର୍ଥ ଓ ୫ମ ଶ୍ରେଣୀରେ ପଢୁଥିବା ଝିଅମାନଙ୍କୁ ବାର୍ଷିକ ୨୦୦୦ ଟଙ୍କା, ୮ମ ଓ ୯ମ ଶ୍ରେଣୀରେ ପଢୁଥିବା ପିଲାମାନଙ୍କୁ ବାର୍ଷିକ ୩ ହଜାର, ୧୦ମ ଶ୍ରେଣୀର ପିଲାମାନଙ୍କୁ ବାର୍ଷିକ ୪ ହଜାର ଟଙ୍କା, ଯୁକ୍ତ ୨ ଓ ଯୁକ୍ତ ୩ରେ ପଢୁଥିବା ପିଲାମାନଙ୍କ ନିମନ୍ତେ ବାର୍ଷିକ ଯଥାକ୍ରମେ ୫ ହଜାର ଓ ୭ ହଜାର ଟଙ୍କାର ପରିବର୍ଦ୍ଧିତ ଶିକ୍ଷା ସହାୟତା ରାଶି ବ୍ୟବସ୍ଥା କରାଯାଇଛି । ସିଟି ଓ ଆଇଟିଆଇ ପଢ଼ିବା ପାଇଁ ୧୦ ହଜାର, ଏମ୍‌ବିଏ,

"ମୁଁ ଜଣେ ପଞ୍ଜୀକୃତ ନିର୍ମାଣ ଶ୍ରମିକ । ମୋ ଝିଅର ବାହାଘର ପାଇଁ ମତେ ୨୫ ହଜାର ଟଙ୍କା ସହାୟତା ମିଳିଛି । ଫଳରେ ଝିଅ ବାହାଘର ସୁରୁଖୁରୁରେ କରିପାରିଲି । ଏଥିପାଇଁ ମୁଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରୁଛି ।"



ବିଶ୍ୱନାଥ ସାସମଲ
ଗଣ୍ଡରପୁର
କଲ୍ୟାଣୀପୁର
ନନ୍ଦନକାନନ, ଖୋର୍ଦ୍ଧା



ବିଟେକ୍ ଓ ମେଡିକାଲ ପାଠ୍ୟକ୍ରମ ପାଇଁ ବାର୍ଷିକ ୪୦ ହଜାର ଟଙ୍କାର ସହାୟତା ଘୋଷଣା କରାଯାଇଛି । ଏହାବ୍ୟତୀତ ଯନ୍ତ୍ରପାତି କ୍ରୟ ନିମନ୍ତେ ସର୍ବାଧିକ ୪ ହଜାର ଟଙ୍କା, ସାଇକେଲ କ୍ରୟ ପାଇଁ ୪ ହଜାର ଟଙ୍କା, ନିରାପତ୍ତା ଉପକରଣ ପାଇଁ ୧ ହଜାର ଟଙ୍କା ପ୍ରଦାନର ବ୍ୟବସ୍ଥା କରାଯାଇଛି ।

- ଦୁଇଟି କନ୍ୟା ସନ୍ତାନ ଥିବା ନିର୍ମାଣ ଶ୍ରମିକ ପରିବାର ଏବଂ ଅବିବାହିତ ନିର୍ମାଣ ଶ୍ରମିକଙ୍କ ନିମନ୍ତେ ୨୫ ହଜାର ଟଙ୍କାର ବିବାହ ସହାୟତା ଘୋଷଣା କରାଯାଇଛି ।
- ଗର୍ଭବତୀ ନିର୍ମାଣ ଶ୍ରମିକମାନଙ୍କୁ ୮ ହଜାର ଟଙ୍କାର ପ୍ରସୂତିକାଳୀନ ସହାୟତା ଯୋଗାଇ ଦିଆଯାଉଛି । 'ମମତା' ଯୋଜନାରେ ମିଳୁଥିବା ୫ ହଜାର ଟଙ୍କାର ସହାୟତା ସହିତ ଏ ସହାୟତା ମିଳିବ ।
- କୌଣସି ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ ହେଲେ ୧ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା, ୨ ଲକ୍ଷ ଟଙ୍କାର ଦୁର୍ଘଟଣାଜନିତ ମୃତ୍ୟୁକାଳୀନ ସହାୟତା, ୫ ହଜାର ଟଙ୍କାର ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ଓ ୪୦ ହଜାରରୁ ଦେଢ଼ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ଅକ୍ଷମତା ନିମନ୍ତେ ସହାୟତା ରାଶି ପ୍ରଦାନ କରାଯିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।
- ନିର୍ମାଣ ଶ୍ରମିକମାନେ କ୍ୟାନ୍‌ସର, ହୃଦ୍‌ରୋଗ, ଥାଲାସେମିଆ ଏବଂ ସିକିଲ୍‌ସେଲ ଭଳି ଗୁରୁତର ରୋଗରେ ପୀଡିତ ହେଲେ ସେମାନଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରୁ ଭରଣା କରାଯିବ ବୋଲି ମଧ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

''ମୁଁ ଜଣେ କାଠ ମିସ୍ତ୍ରୀ । ନିର୍ମାଣ ଶ୍ରମିକ ବୋର୍ଡ଼ ମାଧ୍ୟମରେ ପଞ୍ଜୀକୃତ ହୋଇଛି । ମୋ ପୁଅ ଝିଅଙ୍କୁ ପାଠ ପଢ଼ାଇବା ପାଇଁ ୧୪ ହଜାର ଟଙ୍କା, ମୋ ସାଇକଲ ପାଇଁ ୪ ହଜାର ଟଙ୍କା, ଯନ୍ତ୍ରପାତି କିଣିବା ପାଇଁ ୨ ହଜାର ଟଙ୍କା ଓ ସୁରକ୍ଷା ପାଇଁ ହଜାର ଟଙ୍କା ମତେ ମିଳିଛି । ବୋର୍ଡ ମାଧ୍ୟମରେ ବିଭିନ୍ନ ଯୋଜନା କରାଇ ମୋ ପରିବାରକୁ ସାହାଯ୍ୟର ହାତ ବଢ଼େଇ ଥିବା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆମେ କୃତଜ୍ଞ ।''



ରଙ୍ଗାଧର ସୂତାର
ଆଖଣ୍ଡଳମଣି, ଭଦ୍ରକ

# ଭିନ୍ନକ୍ଷମ ସଶକ୍ତିକରଣ



ଆମ ମୁଖ୍ୟମନ୍ତ୍ରୀ ଭିନ୍ନକ୍ଷମ, ବରିଷ୍ଠ ନାଗରିକ ଓ କିନ୍ନରଙ୍କ ସାମଗ୍ରିକ କଲ୍ୟାଣ ନିମନ୍ତେ ୧ ଜୁଲାଇ ୨୦୧୫ରୁ ସ୍ୱତନ୍ତ୍ର ଭାବରେ **'ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ'** ବିଭାଗ ସୃଷ୍ଟି କରିଛନ୍ତି ।

- ୫୧ଟି ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଖାଦ୍ୟ, ପୋଷାକ ଏବଂ ଆପଦକାଳୀନ ସହାୟତା ଯୋଗାଇ ଦିଆଯାଉଛି ।
- ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ **'ବାଣୀଶ୍ରୀ'** ଯୋଜନା ମାଧ୍ୟମରେ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି ।
- ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ ଯୋଗାଇ ଦିଆଯାଉଛି । ସ୍ନାତକୋତ୍ତର ଓ ଉଚ୍ଚଶିକ୍ଷାରତ ଦୃଷ୍ଟିହୀନ ଛାତ୍ରଛାତ୍ରୀମାନଙ୍କୁ **ବିନା ମୂଲ୍ୟରେ ଲାପ୍‌ଟପ୍ ଓ ଭଏସ୍ ରେକର୍ଡର ପ୍ରଦାନ** କରାଯାଉଛି ।
- ଶାରୀରିକ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସମସ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବା ପାଇଁ **୩ ପ୍ରତିଶତ ସ୍ଥାନ ସଂରକ୍ଷିତ** ରଖାଯାଇଛି । ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଲିଖିତ ପରୀକ୍ଷାରେ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦିଆଯାଉଛି ।
- ସାଧାରଣ ସ୍କୁଲରେ ଅଧ୍ୟୟନରତ ଭିନ୍ନକ୍ଷମ ପିଲାମାନଙ୍କ ଯିବା ଆସିବା ପାଇଁ **ର୍‍ୟାମ୍ପ୍ ଓ ସ୍ୱତନ୍ତ୍ର ଶୌଚାଳୟ**ର ସୁବିଧା ଯୋଗାଇ ଦିଆଯାଇଛି ।
- ଭୁବନେଶ୍ୱରଠାରେ ସ୍ୱତନ୍ତ୍ର ଶିବିର ଆୟୋଜନ ମାଧ୍ୟମରେ ୧୨୦ଜଣ କିନ୍ନରଙ୍କୁ 'ଆଧାର' କାର୍ଡ ଯୋଗାଇ ଦିଆଯାଇଛି ।


"ମୁଁ ଶତପ୍ରତିଶତ ଭିନ୍ନକ୍ଷମ ହୋଇଥିବାରୁ ମୋର ପାଠ ପଢ଼ା ପାଇଁ ବାଣୀଶ୍ରୀ ଯୋଜନାରେ ଦୁଇବର୍ଷ ମଧ୍ୟରେ ୪୫୦୦ ଟଙ୍କା ସହାୟତା ପାଇଛି । ଏ ଟଙ୍କା ମୋ ପାଠ ପଢ଼ାରେ ଖର୍ଚ୍ଚ ହେଉଛି । ମୋ ଭଳି କେତେ ଭିନ୍ନକ୍ଷମ ଏଭଳି ସାହାଯ୍ୟ ପାଉଛନ୍ତି । ଆମେ ଏ ସହାୟତା ନ ପାଇଲେ ଆଗକୁ ବଢ଼ି ପାରନ୍ତୁ ନାହିଁ ।"



ଝୁନୁବାଳା ସାହୁ
ଦଶମ ଶ୍ରେଣୀ
ଏନ୍ଏସି ଉଚ୍ଚବିଦ୍ୟାଳୟ
ନୟାଗଡ଼

- ‘ଜାତୀୟ ପରିବାର ମଙ୍ଗଳ ଯୋଜନା’ରେ କିନ୍ନରମାନଙ୍କୁ ଅନ୍ତର୍ଭୁକ୍ତ କରାଯାଉଛି ।

- ଅକ୍ଟୋବର ପହିଲାରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ‘ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ନୀତି–୨୦୧୬’ ପ୍ରଣୟନ କରି ରାଜ୍ୟର ବରିଷ୍ଠ ନାଗରିକମାନଙ୍କ ସାମାଜିକ, ଆର୍ଥିକ ଏବଂ ଶାରୀରିକ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା ସହିତ ସେମାନେ ଯେଭଳି ସମାଜରେ ସମ୍ମାନର ସହ ବଞ୍ଚିବେ ଏବଂ ସେମାନଙ୍କ ଅଧିକାର ସାବ୍ୟସ୍ତ କରିବା ପାଇଁ ସକ୍ଷମ ହେବେ ତା’ଉପରେ ପ୍ରାଧାନ୍ୟ ଦେଇଛନ୍ତି । ଗରିବ ବରିଷ୍ଠ ନାଗରିକଙ୍କ ପାଇଁ ପ୍ରତି ଜିଲ୍ଲାରେ ସମସ୍ତ ଅତ୍ୟାଧୁନିକ ମାନର ସୁବିଧା ସୁଯୋଗ ସହିତ ଜରା ନିବାସ ସ୍ଥାପନ କରାଯିବ ।




- ଏହା ଏକ ଐତିହାସିକ ପଦକ୍ଷେପ । ରାଜ୍ୟର ବରିଷ୍ଠ ନାଗରିକମାନଙ୍କ ମନରେ ଏହି ନୀତି ପ୍ରଭୁତ ଆଶା ସଂଚାର କରିଛି ।

- ସରକାରୀ ନିୟୋଜନ ସଂସ୍ଥାଗୁଡ଼ିକ ନିଯୁକ୍ତି ଆବେଦନ ଫର୍ମରେ ପୁରୁଷ ଓ ମହିଳାବର୍ଗ ବ୍ୟତୀତ ‘କିନ୍ନର’ ବର୍ଗକୁ ସାମିଲ କରାଯିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ।

- ଗତ ଅପ୍ରେଲ୍ ମାସରେ ଏକ କର୍ମଶାଳା ଆୟୋଜନ କରାଯାଇ ତା’ର ସୁଫଳ ଆଧାରରେ ରାଜ୍ୟ କିନ୍ନର ନୀତି ପ୍ରଣୟନ କରାଯିବାର ବ୍ୟବସ୍ଥା କରାଯାଇଛି ।

# ହସ୍ତତନ୍ତ ଓ ହସ୍ତଶିଳ୍ପ କାରିଗରମାନଙ୍କ ସଶକ୍ତିକରଣ



ଆମ ରାଜ୍ୟରେ ୧ ଲକ୍ଷ ୯୨ ହଜାର ବୁଣାକାର ରହିଥିବାବେଳେ ୧ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ହସ୍ତଶିଳ୍ପ କାରିଗର ବିଭିନ୍ନ ହସ୍ତଶିଳ୍ପ ଉନ୍ନୟନ ଏବଂ ଉତ୍ପାଦନରେ ନିୟୋଜିତ ଅଛନ୍ତି । ସେମାନଙ୍କ ସାମଗ୍ରିକ ବିକାଶ ସହିତ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରର ଅଭିବୃଦ୍ଧି ନିମନ୍ତେ ଆମ ମୁଖ୍ୟମନ୍ତ୍ରୀ ଏକାଧିକ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଇଛନ୍ତି ।

- ବୁଣାକାର ଏବଂ ରେଶମ ଚାଷୀ କଲ୍ୟାଣ ନିମନ୍ତେ **'ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ'** କାର୍ଯ୍ୟକାରୀ କରାଯାଇଛି ।
- ରାଜ୍ୟରେ ୧୦ଟି ହସ୍ତତନ୍ତ କ୍ଲଷ୍ଟରର ପରିଚାଳନା ନିମନ୍ତେ ୧୩୯ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ।
- ୪୯,୦୭୭ ଜଣ ବୁଣାକାରଙ୍କୁ ମହାତ୍ମା ଗାନ୍ଧୀ ବୁଣାକାର ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ବୁଣାକାରଙ୍କ ପ୍ରିମିୟମ୍ ବାବଦକୁ ୩୯.୨୬ ଲକ୍ଷ ଟଙ୍କା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଛି ।
- ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ମାଧ୍ୟମରେ ଗତ ଦୁଇ ବର୍ଷରେ ପ୍ରାୟ ୨୪ ହଜାର ବୁଣାକାର ପରିବାରକୁ ସୌର ଲଣ୍ଠନ ଯୋଗାଇ ଦିଆଯାଇଛି ।
- ପ୍ରାୟ ୧୪ ହଜାର ରେଶମ ଚାଷୀଙ୍କୁ ୟୁଟିଲିଟି କିଟ୍ କିଣିବା ପାଇଁ ୧୫୦୦ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି । ଗତ ଦୁଇ ବର୍ଷରେ ୨୯ ହଜାରରୁ ଊର୍ଦ୍ଧ୍ୱ ମହିଳା ରେଶମ ଚାଷୀଙ୍କୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ କରାଯାଇଛି ।
- **'ବରିଷ୍ଠ ବୁଣାକାର ସହାୟତା ଯୋଜନା'**ରେ ରାଜ୍ୟର ପ୍ରାୟ ୮ ହଜାର ବୁଣାକାରଙ୍କୁ ପେନ୍‌ସନ୍ ପ୍ରଦାନ କରାଯିବ ବୋଲି ଆମ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହି ଯୋଜନାରେ ବର୍ଷକୁ ୫ କୋଟି ଟଙ୍କା ଖର୍ଚ୍ଚ ହେବ ।


''ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ମୁଁ ୭୦ ହଜାର ଟଙ୍କାର ଘର ତିଆରି ସହାୟତା ପାଇଛି । ସେଠାରେ ତନ୍ତ ବସାଇଛି । ସୌର ଲଣ୍ଠନ ମଧ୍ୟ ପାଇଛି । ମୋର ବାସଗୃହ ସମସ୍ୟା ଦୂର ହୋଇଛି ଓ ରୋଜଗାର ପନ୍ଥା ମିଳିପାରିଛି । ବୁଣାକାରଙ୍କ ପ୍ରତି ଆମ ମୁଖ୍ୟମନ୍ତ୍ରୀଙ୍କ ଦରଦ ଅସୀମ । ତାଙ୍କୁ ଧନ୍ୟବାଦ ଦେଉଛୁ ।''



ନୀଳମାଧବ ସାହୁ
ଗୁରୁଜଙ୍ଗ, ଖୋର୍ଦ୍ଧା ।

- ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକରେ ବୁଣାକାର ଓ କାରିଗରମାନଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ନୂଆଦିଲ୍ଲୀସ୍ଥିତ **ଏସିଆନ୍ ହେରିଟେଜ୍ ଫାଉଣ୍ଡେସନ ସହ ବୁଝାମଣାପତ୍ର ସ୍ୱାକ୍ଷରିତ** ହୋଇଛି ।
- ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ଉତ୍କର୍ଷକୁ ବିଶ୍ୱପ୍ରସିଦ୍ଧ କରିବା ସହିତ ରାଜ୍ୟର ବୁଣାକାରମାନଙ୍କୁ ସେମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ ଦେବାକୁ ଭୁବନେଶ୍ୱରର ଖଣ୍ଡଗିରିଠାରେ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ **ସାଧାରଣ ସହାୟତା କେନ୍ଦ୍ର** ଗତବର୍ଷ ଉଦ୍‌ଘାଟିତ ହୋଇଛି । ବରଗଡ଼, ନୂଆପାଟଣା ଓ ସୋନପୁରଠାରେ ମଧ୍ୟ ଅନୁରୂପ କେନ୍ଦ୍ରମାନ କାର୍ଯ୍ୟ କରିବ । ଏହି ତାଲିମ ପ୍ରଦାନ କାର୍ଯ୍ୟକ୍ରମରେ ସୂଚନା ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ପ୍ରୟୋଗ କରାଯିବ ।
- ବିଗତ ବର୍ଷ ପ୍ରାଥମିକ ବୁଣାକାର ସମବାୟ ସମିତି ଜରିଆରେ ରାଜ୍ୟରେ ୨୪୭ କୋଟି ଟଙ୍କାର ହସ୍ତତନ୍ତ ବସ୍ତ୍ର ବିକ୍ରିବଟା ହୋଇଛି । ବୁଣାକାରମାନଙ୍କ ବାର୍ଷିକ ହାରାହାରି ମୁଣ୍ଡପିଛା ଆୟ ୩୭ ହଜାର ଟଙ୍କାରୁ ୪୪ ହଜାର ଟଙ୍କାକୁ ବୃଦ୍ଧି ପାଇଛି ।

“ଆମେ ନିଜ ଘରେ ହସ୍ତତନ୍ତ ବସାଇ ଲୁଗା ବୁଣୁଛୁ । ଏହା ମଧ୍ୟରେ ପାଟଲୁଗା ବୁଣି ଗୋଟିକୁ ୪ ହଜାର ଟଙ୍କାରେ ବିକିଛୁ । ଆମକୁ ବୁଣାକାର ସହାୟତା ଯୋଜନାରେ ସୁଫଳ ମିଳିଛି ।”



ଚୂଡ଼ାମଣି ମେହେର
ସୁନ୍ଦରଗଡ଼

## ଖେଳ ଓ ଖେଳାଳିଙ୍କ ସଶକ୍ତିକରଣ

- ଖେଳିବା ପାଇଁ ଭିତ୍ତିଭୂମି ସୁବିଧା ଯୋଗାଇବା ସହିତ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ଗ୍ରାମାଞ୍ଚଳରେ ୨୦୧ଟି ଓ ସହରାଞ୍ଚଳରେ ୫୦ଟି ମିନି ଷ୍ଟାଡିୟମ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ।
- କଳିଙ୍ଗ ଷ୍ଟାଡିୟମ୍‌ରେ ବିଶ୍ୱସ୍ତରୀୟ ହକି ପ୍ରତିଯୋଗିତା ଆୟୋଜନ ନିମନ୍ତେ ଆନ୍ତର୍ଜାତିକ ମାନର ଭିତ୍ତିଭୂମି ସୃଷ୍ଟି କରାଯାଇଛି ।
- ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସଫଳତା ଅର୍ଜନ କରି ରାଜ୍ୟକୁ ଗୌରବାନ୍ୱିତ କରୁଥିବା କ୍ରୀଡାବିତ୍‌ମାନଙ୍କୁ ଓଡ଼ିଶା ପୋଲିସ୍‌ରେ ଗ୍ରୁପ୍ 'ଏ'ରୁ 'ସି' ମଧ୍ୟରେ

**ବିଭିନ୍ନ ପଦବୀରେ ସିଧାସଳଖ ନିଯୁକ୍ତି** ଦିଆଯାଉଛି । ଏବେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଫଳରେ ବିଭିନ୍ନ ସରକାରୀ ଉଦ୍ୟୋଗମାନଙ୍କରେ ଗ୍ରୁପ୍ 'ବି' ପଦବୀରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କ୍ରୀଡ଼ାବିତ୍‌ମାନଙ୍କୁ ସିଧାସଳଖ ନିଯୁକ୍ତି ପ୍ରଦାନ କରାଯାଉଛି ।

- ଉଦୀୟମାନ ଖେଳାଳିମାନଙ୍କୁ ସେମାନଙ୍କ ସଫଳତାର ମାନଦଣ୍ଡ ଆଧାରରେ ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି ।



- ରାଜ୍ୟର ଅଭାବୀ **କ୍ରୀଡାବିତ୍‌ମାନଙ୍କୁ ମାସିକ ୨ ହଜାର ଟଙ୍କା ପେନ୍‌ସନ୍** ଆକାରରେ ଦିଆଯାଉଛି ।
- ସେହିଭଳି, ଏ ବର୍ଷ ରିଓ ଅଲିମ୍ପିକ୍ସରେ ଭାରତୀୟ ମହିଳା ହକି ଦଳରେ ୪ ଜଣ ଓଡ଼ିଆ ଝିଅ ଭାରତକୁ ପ୍ରତିନିଧିତ୍ୱ କରିବା ଏବଂ ଦୁତୀ ଚାନ୍ଦ ଓ ଶ୍ରାବଣୀ ନନ୍ଦଙ୍କ ଭଳି ଖ୍ୟାତିସଂପନ୍ନ ଧାବିକା ରିଓ ଅଲିମ୍ପିକ୍ସରେ ଯୋଗ୍ୟତା ପର୍ଯ୍ୟାୟ ଅତିକ୍ରମ କରି ଭାଗ ନେବା, ଓଡ଼ିଶା କ୍ରୀଡ଼ା ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବା ସହିତ ରାଜ୍ୟର ପ୍ରତିଭାବାନ୍ କ୍ରୀଡ଼ାବିତ୍‌ମାନଙ୍କ ମନରେ ନୂତନ ଆଶା ସଞ୍ଚାର କରିଛି ।
- ସବୁ ବ୍ଲକ୍ ଓ ସହରାଞ୍ଚଳରେ ୨୦୧୮-୧୯ ଆର୍ଥିକ ବର୍ଷ ସୁଦ୍ଧା ମିନି ଷ୍ଟାଡ଼ିୟମ୍ ନିର୍ମାଣ କାର୍ଯ୍ୟ ସମାପ୍ତ ହେବ ।
- ଖୁସିର କଥା ଯେ ୨୦୧୭ ମସିହାରେ କଳିଙ୍ଗ ଷ୍ଟାଡ଼ିୟମ୍‌ରେ ୱାର୍ଲ୍ଡ ଲିଗ୍ ଏବଂ ୨୦୧୮ ମସିହାରେ ବିଶ୍ୱ କପ୍ ହକି ମ୍ୟାଚ୍ ଅନୁଷ୍ଠିତ ହେବାକୁ ଯାଉଛି ଯାହା ଆମ ରାଜ୍ୟ ଏବଂ କ୍ରୀଡ଼ା ଜଗତ ପାଇଁ ଗୌରବର କଥା ।
- ବିଜୁ ପଟ୍ଟନାୟକ ଦୁଃସାହସିକ କ୍ରୀଡା ଅଭିଯାନରେ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ଏଭେରେଷ୍ଟ ବିଜୟିନୀ ବଚ୍ଛେନ୍ଦ୍ରୀ ପାଲ୍‌ଙ୍କ ନେତୃତ୍ୱରେ ଓଡ଼ିଶାରୁ ଏଭେରେଷ୍ଟ ଆରୋହଣକାରୀ ଦଳ ନିକଟରେ ଅଭିଯାନରେ ଯାଇଛନ୍ତି ।

"ଭଲ ଖେଳାଳିଙ୍କୁ ସରକାରଙ୍କ ଦ୍ୱାରା ସବୁକିଛି ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ଚାକିରି ପାଇଁ ସ୍ଥାନ ସଂରକ୍ଷଣ ତଥା ଉନ୍ନତ ପ୍ରଦର୍ଶନ ଉପରେ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଉଛି । ଅନ୍ୟ ପକ୍ଷରେ, କ୍ରୀଡ଼ା ଭିତ୍ତିଭୂମିର ବ୍ୟାପକ ବିକାଶ କରାଯାଉଛି ।"



ଗଣେଶ ନାଥ
ତିର୍ତ୍ତୋଲ୍, ଜଗତସିଂହପୁର

# କେନ୍ଦୁପତ୍ର ତୋଳାଳୀଙ୍କୁ ସଶକ୍ତିକରଣ



ଜନଜାତିଙ୍କ ପାରମ୍ପରିକ ପୀଠ ଏବଂ ପୂଜାସ୍ଥଳୀଗୁଡ଼ିକର ସଂରକ୍ଷଣ ତଥା ରକ୍ଷଣାବେକ୍ଷଣ କରିବା ପାଇଁ ୨୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ଜନଜାତିଙ୍କ ପାରମ୍ପରିକ ପୀଠ ଏବଂ ପୂଜାସ୍ଥଳୀର ରକ୍ଷଣାବେକ୍ଷଣ କରିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାରେ ଆମ ମୁଖ୍ୟମନ୍ତ୍ରୀ ସର୍ବପ୍ରଥମ ।

- ଆମ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ଫଳରେ ଏବେ ସଂଗ୍ରହ କରାଯାଉଥିବା କେନ୍ଦୁପତ୍ରର ଉପଯୁକ୍ତ ମୂଲ୍ୟ ଧାର୍ଯ୍ୟ କରାଯିବା ସହିତ କେନ୍ଦୁପତ୍ର ବ୍ୟବସାୟ ଲାଭାଂଶର ଏକ ନିର୍ଦ୍ଦିଷ୍ଟ ଅଂଶ ବୋନସ୍ ଆକାରରେ କେନ୍ଦୁପତ୍ର ତୋଳାଳୀ ଏବଂ ସାମୟିକ କର୍ମଚାରୀଙ୍କୁ ମିଳିପାରୁଛି ।
- ୨୦୧୪ କେନ୍ଦୁପତ୍ର ଫସଲ ବର୍ଷରେ କେନ୍ଦୁପତ୍ର ତୋଳାଳୀଙ୍କୁ ସହାୟତା ଆକାରରେ ୩୨ କୋଟି ୧୦ ଲକ୍ଷ ଟଙ୍କାର ବୋନସ୍ ପ୍ରଦାନ କରାଯାଇଛି ।
- ୨୦୧୫ କେନ୍ଦୁପତ୍ର ଫସଲ ବର୍ଷ ପାଇଁ ସମୁଦାୟ ୬୨ କୋଟି ଟଙ୍କାର ବୋନସ୍ ଓ ଅତିରିକ୍ତ ବୋନସ୍ ଚଳିତ ବର୍ଷ ପ୍ରଦାନ କରାଯିବ ।
- ୮ ଲକ୍ଷ କେନ୍ଦୁପତ୍ର ତୋଳାଳୀ ଓ ବନ୍ଧାଳୀ ବୀମାଭୁକ୍ତ ହେବା ସହ ରାଜ୍ୟ କେନ୍ଦୁପତ୍ର ତୋଳାଳୀ ଓ ବନ୍ଧାଳୀ କଲ୍ୟାଣ ଟ୍ରଷ୍ଟରେ ଅନ୍ତର୍ଭୁକ୍ତ ହୋଇଛନ୍ତି ।

''କେନ୍ଦୁପତ୍ର ତୋଳାଳୀଙ୍କୁ ସହାୟତା ଯୋଜନାରେ ମୋତେ ଗତବର୍ଷ ପତ୍ରତୋଳା ବାବଦରେ ୩୦୭୦ ଟଙ୍କା, ବୋନସ୍ ବାବଦରେ ୨୦୦୦ ଟଙ୍କା ଓ ଚପଲ ପାଇଁ ୬୦ ଟଙ୍କା ମିଳିଛି । ଏହି ଟଙ୍କାରେ ମୁଁ ମୋର ପିଲାମାନଙ୍କୁ ପାଠ ପଢ଼ାଉଛି, ପୁଣି ପରିବାର ପୋଷୁଛି ।''



ବାରୀ ମୁଣ୍ଡା
ଦୁଧିଆନାଳୀ
ଆଠମଲ୍ଲିକ୍, ଅନୁଗୋଳ

- ସାମୟିକ କର୍ମଚାରୀମାନଙ୍କୁ 'ବିଜୁ ପଟ୍ଟନାୟକ ଗୋଷ୍ଠୀ ବୀମା ଯୋଜନା'ରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ୯୭ ଭାଗ କେନ୍ଦୁପତ୍ର ତୋଳାଳୀଙ୍କୁ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ସେମାନଙ୍କର ପ୍ରାପ୍ୟ ସିଧାସଳଖ ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା କରାଯାଉଛି ।
- ରାଜ୍ୟର ୩୦ଟି ବନଖଣ୍ଡ ଡିଭିଜନରେ **'ଆମ ଜଙ୍ଗଲ ଯୋଜନା'** କାର୍ଯ୍ୟକାରୀ କରାଯାଉଛି ।
- ଚଳିତ ବର୍ଷରୁ ୬ ବର୍ଷ ପାଇଁ ୭ ହଜାର 'ବନ ସୁରକ୍ଷା ସମିତି' ମାଧ୍ୟମରେ ୧୧୭୦ କୋଟି ଟଙ୍କା 'ଆମ ଜଙ୍ଗଲ ଯୋଜନା'ରେ ବିନିଯୋଗ କରାଯିବ ।

## ନିରନ୍ତର ବିଦ୍ୟୁତ୍‌ଶକ୍ତି ଯୋଗାଣ


ଆମ ରାଜ୍ୟରେ ପ୍ରତିବର୍ଷ ବିଦ୍ୟୁତ ଉପଭୋକ୍ତାଙ୍କ ସଂଖ୍ୟା ହାରାହାରି ୬ ଲକ୍ଷ ହିସାବରେ ବୃଦ୍ଧି ପାଉଛି । ରାଜ୍ୟରେ ନିରନ୍ତର ବୃଦ୍ଧି ପାଉଥିବା ଉପଭୋକ୍ତାଙ୍କ ସଂଖ୍ୟା ଏବଂ ସେଥିପାଇଁ ଆବଶ୍ୟକ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ।



- ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟର ୧୧ ଲକ୍ଷ ୫୦ ହଜାର ଘରକୁ ବିଜୁଳି ଶକ୍ତି ଯୋଗାଇ ଦିଆଯାଇଛି । ତନ୍ମଧ୍ୟରୁ ପ୍ରାୟ ୩ ଲକ୍ଷ ପରିବାର ବି.ପି.ଏଲ୍ ବର୍ଗର ।

- ୭ ହଜାରରୁ ଊର୍ଦ୍ଧ୍ୱ ଗ୍ରାମ ଓ ପଡାକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି ।
- ୪୯ଟି ନୂତନ ୩୩/୧୧ କେଭି ପ୍ରାଥମିକ ସବ୍‌ଷ୍ଟେସନ୍ ସ୍ଥାପନ ସହିତ ୧୬ଟି ଅତ୍ୟୁଚ୍ଚ କ୍ଷମତାସଂପନ୍ନ ସବ୍‌ଷ୍ଟେସନ ନିର୍ମାଣ କରାଯାଇଛି । ୨୪ଟି ଅତ୍ୟୁଚ୍ଚ କ୍ଷମତାସଂପନ୍ନ ସବ୍‌ଷ୍ଟେସନର କ୍ଷମତା ବୃଦ୍ଧି କରାଯାଇଛି ।
- ୧୧୨୧ ସର୍କିଟ୍ କିଲୋମିଟର ବିଦ୍ୟୁତ୍ ଲାଇନ୍ ଟଣାଯାଇଛି ।
- କୃଷି ଓ ମତ୍ସ୍ୟ ଚାଷ ପାଇଁ **ସ୍ୱତନ୍ତ୍ର ଫିଡର ବ୍ୟବସ୍ଥା** କରାଯାଇଛି ।
- ଭୁବନେଶ୍ୱରରେ ୧୬୦ କୋଟି ଟଙ୍କା ବିନିଯୋଗରେ ୨୦୦ କି.ମି **ଭୂତଳ କେବୁଲିଂ**ର ବ୍ୟବସ୍ଥା କରାଯାଇଛି ।
- ଶ୍ରୀଜୀଉଙ୍କ ନବକଳେବର ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଏବଂ ଶ୍ରୀକ୍ଷେତ୍ରର ଆଲୋକୀକରଣ ସହିତ ନବକଳେବର ରଥଯାତ୍ରା ଦେଖିବା ପାଇଁ ଆସିଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ଚାହିଦା ମୁତାବକ ବିଦ୍ୟୁତ୍ ଶକ୍ତି ଯୋଗାଣ କରି ଆମ ସରକାର ସବୁ ସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି ।
- ୨୦୧୯ ସୁଦ୍ଧା ରାଜ୍ୟର ସମସ୍ତ ଘରକୁ ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ ପାଇଁ ଲକ୍ଷ୍ୟ ରଖାଯାଇଛି ।

## ଶିଳ୍ପ ସମୃଦ୍ଧି



ଆମ ରାଜ୍ୟରେ ଗଚ୍ଛିତ ଖଣିଜ ସଂପଦ, ପ୍ରଭୂତ ଜଳ ସଂପଦ ଏବଂ କୁଶଳୀ ମାନବ ସମ୍ବଳ ଯୋଗୁଁ ଓଡ଼ିଶା **ଶିଳ୍ପ ନିବେଶ କ୍ଷେତ୍ରରେ ସମଗ୍ର ଦେଶରେ ୭ମ ସ୍ଥାନ**ରେ ପହଞ୍ଚିଛି । ଭାରତ ସରକାର ଓ ବିଶ୍ୱବ୍ୟାଙ୍କ ଏହି ମାନ୍ୟତା ପ୍ରଦାନ କରିଛନ୍ତି ।

- ଭାରତର ବୃହତ ଇସ୍ପାତ୍ କାରଖାନା ଟାଟା ଷ୍ଟିଲ୍ କଳିଙ୍ଗ ନଗରଠାରେ ଇସ୍ପାତ ଉତ୍ପାଦନ ଆରମ୍ଭ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଚାଲୁ

ରହିଥିବା ଶିଳ୍ପ ଏବଂ ଔଦ୍ୟୋଗିକ ବିକାଶକୁ ଏକ ନୂତନ ଦିଗ୍‌ଦର୍ଶନ ଦେବା ସହ ଓଡ଼ିଶାରେ ପୁଞ୍ଜିନିବେଶ ଏବଂ ଶିଳ୍ପ ପ୍ରତିଷ୍ଠା ପାଇଁ ଶିଳ୍ପପତିମାନଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି ହୋଇଛି ।

- ନୂତନ **'ଶିଳ୍ପନୀତି-୨୦୧୫'** ପ୍ରଣୟନ ସହିତ ସିଙ୍ଗିଲ୍ ୱିଣ୍ଡୋ ବ୍ୟବସ୍ଥା ପ୍ରବର୍ତ୍ତନ ହେତୁ ବିନା ବାଧାରେ ଉଦ୍ୟୋଗୀମାନେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ଦେଖାଇଛନ୍ତି ।
- **ଅଭିନବ ଇ-ବିଜ୍ ବ୍ୟବସ୍ଥା**ରେ ୧୧ଟି ଶିଳ୍ପ ସମ୍ବନ୍ଧୀୟ ସେବା ସହିତ ଅନୁମୋଦନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି ।
- ଅଣୁ, କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ସହ ଆନୁଷଙ୍ଗିକ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଅନୁଗୋଳ, ବାଲେଶ୍ୱର, କଟକ, ଝାରସୁଗୁଡା, ସମ୍ବଲପୁର, ଜଗତସିଂହପୁର, ଖୋର୍ଦ୍ଧା, ସୁନ୍ଦରଗଡ, ଭଦ୍ରକ, ଢେଙ୍କାନାଳ ଓ ଗଞ୍ଜାମ ଜିଲ୍ଲାରେ **୧୨ଟି ନୂଆ ଶିଳ୍ପାଞ୍ଚଳ ପ୍ରତିଷ୍ଠା** କରାଯାଉଛି ।



- ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ଜମିକୁ ନେଇ ଏକ **ଲ୍ୟାଣ୍ଡ ବ୍ୟାଙ୍କ** ପ୍ରତିଷ୍ଠା ଓ ଶିଳ୍ପ ସଂପର୍କିତ ତଥ୍ୟ ଏବଂ ସେବା ଉପଲବ୍ଧି ନିମନ୍ତେ ମୋବାଇଲ୍ ପ୍ରୟୋଗ ବ୍ୟବସ୍ଥା କରାଯାଇଛି ।
- **ଓଡ଼ିଶା ଯୁବ ନବ ପ୍ରବର୍ତ୍ତନ ପାଣ୍ଠି** ଯୋଜନା ଆରମ୍ଭ କରାଯାଇ ୨୧ ଜଣ ଯୁବକଯୁବତୀଙ୍କୁ ଔଦ୍ୟୋଗିକ ବିକାଶରେ ସେମାନଙ୍କ ଅଭିନବ ଚିନ୍ତାଧାରା ପାଇଁ ପୁରସ୍କୃତ କରାଯାଇଛି ।
- ନିକଟରେ ମୁମ୍ବାଇଠାରେ ଅନୁଷ୍ଠିତ **'ମେକ୍ ଇନ୍ ଇଣ୍ଡିଆ'** ଅଭିଯାନ ଅବସରରେ ଦେଶ ଏବଂ ବିଦେଶରୁ ଶିଳ୍ପପତିମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ୭୦ ହଜାର କୋଟିରୁ ଅଧିକ ପୁଞ୍ଜି ନିବେଶ ପ୍ରସ୍ତାବ ମୁଖ୍ୟତଃ ଅଣ-ଖଣିଜ କ୍ଷେତ୍ରରେ ଓଡ଼ିଶାକୁ ମିଳିଛି ।

- ଏବେ ବାଙ୍ଗାଲୋରଠାରେ ଅନୁଷ୍ଠିତ ପୁଞ୍ଜିନିବେଶକଙ୍କ ବୈଠକ ପରେ ଓଡ଼ିଶାକୁ ୯୦ ହଜାର କୋଟି ଟଙ୍କାରୁ ଅଧିକ ନିବେଶ ପ୍ରସ୍ତାବ ମିଳିଛି ।
- ଆସନ୍ତା ୨୦୨୫ ସୁଦ୍ଧା ଆମ ରାଜ୍ୟରେ ଶିଳ୍ପ କ୍ଷେତ୍ରରେ ୨.୫ ଲକ୍ଷ କୋଟି ଟଙ୍କା ବିନିଯୋଗ ହେବ । ଏହା ଫଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ୧୦ ଲକ୍ଷ କର୍ମନିଯୁକ୍ତି ସୃଷ୍ଟି ହୋଇପାରିବ । ବିଗତ ଦୁଇ ବର୍ଷରେ ୫୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପୁଞ୍ଜିନିବେଶ ପାଇଁ ବିଭିନ୍ନ ପ୍ରକଳ୍ପକୁ ଅନୁମୋଦନ ମିଳିଛି ।




- ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ଥିର ସରକାର, ସ୍ୱଚ୍ଛ ପ୍ରଶାସନିକ ବ୍ୟବସ୍ଥା ଏବଂ ଦୃଢ଼ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ସଂଖ୍ୟାଧିକ ଶିଳ୍ପପତି ଏବେ ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ଆଗଭର ହେଲେଣି ।
- ଏବେ ଭୁବନେଶ୍ୱରରେ 'ମେକ୍ ଇନ୍ ଓଡ଼ିଶା' ଅଭିଯାନ ମାଧ୍ୟମରେ ଓଡ଼ିଶାର ପୁଞ୍ଜି ନିବେଶ ଦକ୍ଷତା ପ୍ରଦର୍ଶିତ ହେବ । ଦେଶର ଅନ୍ୟ ପ୍ରମୁଖ ଶିଳ୍ପ ନଗରୀର ନିବେଶକମାନଙ୍କର ବୈଠକ ଡକାଯାଇ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ମାଧ୍ୟମରେ ଓଡ଼ିଶାର ଶିଳ୍ପ ପ୍ରତିଷ୍ଠା ପାଇଁ ରହିଥିବା ଉତ୍ସାହକୁ ଉପସ୍ଥାପିତ କରାଯିବା ସହିତ ପ୍ରଭୂତ ପୁଞ୍ଜିନିବେଶର ସୁଯୋଗ ସୃଷ୍ଟି ହେବ ବୋଲି ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଦୃଢ଼ ଆଶାବାଦୀ ।

# ପ୍ରଯୁକ୍ତି ବିକାଶ

- ରାଜ୍ୟରେ ମାନବ ସମ୍ବଳର ଦକ୍ଷତା ବୃଦ୍ଧି କରି ସେମାନଙ୍କୁ ରୋଜଗାରକ୍ଷମ ଓ ଆତ୍ମନିର୍ଭରଶୀଳ କରାଇବା ଉଦ୍ଦେଶ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ **'ଓଡ଼ିଶା ରାଜ୍ୟ ଦକ୍ଷତା ବିକାଶ କର୍ତ୍ତୃପକ୍ଷ'** ଗଠନ କରିଛନ୍ତି । ଏହି କର୍ତ୍ତୃପକ୍ଷ ସମସ୍ତ ପ୍ରକାର ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ନିର୍ଦ୍ଦିଷ୍ଟ ଦିଗ୍‌ଦର୍ଶନ ଦେଇ ଦକ୍ଷତା ବିକାଶରେ ନୂତନ ସମ୍ଭାବନା ସୃଷ୍ଟି କରିବ ।
- ମାଇଣ୍ଡଟ୍ରିର ପ୍ରତିଷ୍ଠାତା ଶ୍ରୀ ସୁବ୍ରତୋ ବାଗ୍‌ଚୀଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି କର୍ତ୍ତୃପକ୍ଷର ଅଧ୍ୟକ୍ଷ ଭାବରେ ମନୋନୀତ କରିଛନ୍ତି ।
- ଆସନ୍ତା ତିନି ବର୍ଷରେ ୮ଲକ୍ଷ ଯୁବକଯୁବତୀଙ୍କ ଦକ୍ଷତା ବିକାଶ କରାଯାଇ ସେମାନଙ୍କୁ ଆତ୍ମନିଯୁକ୍ତି ପାଇଁ ପ୍ରୋତ୍ସାହିତ କରାଯିବ ।




- ତାଲିମପ୍ରାପ୍ତ ସୁଦକ୍ଷ ଉଦ୍ୟୋଗୀମାନଙ୍କୁ ସୃଷ୍ଟି କରାଯାଇ **'ସ୍କିଲ୍‌ଡ ଇନ୍ ଓଡ଼ିଶା'** ଭଳି ବ୍ରାଣ୍ଡ୍‌କୁ ପ୍ରୋତ୍ସାହିତ କରାଯିବ ଯଦ୍ୱାରା ଏହା ଏକ ବିଶ୍ୱସ୍ତରୀୟ ସର୍ବୋତ୍କୃଷ୍ଟ ବ୍ରାଣ୍ଡ୍ ଭାବରେ ବିବେଚିତ ହେବ ।
- ପ୍ରଖ୍ୟାତ ଟେଲିକମ୍ ବିଜ୍ଞାନୀ ଡଃ ସାମ୍ ପିଟ୍ରୋଡାଙ୍କୁ ଓଡ଼ିଶାର ଟେକ୍‌ନୋଲୋଜି ପରାମର୍ଶଦାତା ଭାବରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି । ରାଜ୍ୟରେ ପ୍ରଯୁକ୍ତି ବିଜ୍ଞାନର ପୂର୍ଣ୍ଣ ବିକାଶ ଦିଗରେ ସେ

ସରକାରଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇବେ ।

- ଯାଜପୁର, ସମ୍ବଲପୁର, ଜୟପୁର ଏବଂ ଅନୁଗୋଳଠାରେ ୪ ଗୋଟି ନୂତନ ସଫ୍ଟ୍‌ୱେୟାର ଟେକ୍‌ନୋଲୋଜି ପାର୍କ ସ୍ଥାପନ କରାଯିବ ।
- ୪୫ ଏକର ପରିମିତ ଜମି ଉପରେ ୪ ହଜାର ସଫ୍ଟ୍‌ୱେୟାର ଇଂଜିନିୟରଙ୍କୁ ନିଯୁକ୍ତି ଦେଇ **ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍) କାର୍ଯ୍ୟକ୍ଷମ** ହୋଇଛି ।



- ୫ ହଜାର ଆଇ.ଟି. ଇଂଜିନିୟରଙ୍କ ନିମନ୍ତେ **ଇନ୍‌ଫୋସିସ୍ ଦ୍ୱିତୀୟ କ୍ୟାମ୍ପସ୍** ଇନ୍‌ଫୋସିସ୍ ଭୁବନେଶ୍ୱରଠାରେ ଆରମ୍ଭ ହୋଇଛି ।
- ୨୦ ଏକର ପରିମିତ ଜମି ଉପରେ **ମାଇଣ୍ଡଟ୍ରି କଳିଙ୍ଗ** ପ୍ରତିଷ୍ଠା କରାଯାଇ ୮୦୦ ଯୁବ ଆଇ.ଟି ଇଂଜିନିୟରଙ୍କୁ ନିଯୁକ୍ତି ଦିଆଯାଇଛି ।
- **'ମୁଖ୍ୟମନ୍ତ୍ରୀ ନିଯୁକ୍ତି ସୃଷ୍ଟି ଯୋଜନା'**ରେ ପ୍ରତି ଗ୍ରାମପଞ୍ଚାୟତରେ ପ୍ରତିବର୍ଷ ଅନ୍ୟୂନ ୧୫୦ ଜଣ ଯୁବକଯୁବତୀଙ୍କ ଦକ୍ଷତା ବୃଦ୍ଧି କରାଯାଇ ସେମାନଙ୍କ ଆତ୍ମନିଯୁକ୍ତି ନିଶ୍ଚିତ କରାଇବାର ଲକ୍ଷ୍ୟ ପୂରଣ କରାଯିବ ।
- ଦକ୍ଷତା ଏବଂ ପ୍ରଯୁକ୍ତିର ପ୍ରଭୂତ ବିକାଶ ହିଁ ରାଜ୍ୟର ଯୁବକଯୁବତୀମାନଙ୍କୁ ପୂର୍ଣ୍ଣ ଭାବରେ ସଶକ୍ତ କରିବ, ଏହି ଉଚ୍ଚାଭିଳାଷ ନେଇ କାର୍ଯ୍ୟ କରିଚାଲିଛନ୍ତି ଆମ ମୁଖ୍ୟମନ୍ତ୍ରୀ ।

## ଗ୍ରାମାଞ୍ଚଳରେ ବସ୍ ସେବା ଏବଂ ରାଜ୍ୟରେ ରେଳ ଯୋଗାଯୋଗର ବିକାଶ




ରାଜ୍ୟର ସବୁ ଜିଲ୍ଲାର ଅପହଞ୍ଚ ଅଞ୍ଚଳରେ ୫୦୧ଟି ବସ୍ 'ବିଜୁ ଗାଁ ଗାଡ଼ି' ଯୋଜନାରେ ଚଳାଚଳ କରୁଛି ।

- ଓଡ଼ିଶାରେ ରେଳପଥର ତ୍ୱରିତ ବିକାଶ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଏକ ଐତିହାସିକ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।
- ରାଜ୍ୟରେ ରେଳପଥର ବିକାଶ ପାଇଁ ଆବଶ୍ୟକ ଜମି ବିନା ମୂଲ୍ୟରେ ଯୋଗାଇଦେବା ସହିତ ନିର୍ମାଣ ଖର୍ଚ୍ଚର ୫୦ ପ୍ରତିଶତ ଅର୍ଥ ରାଜ୍ୟ ବହନ କରିବ ବୋଲି ଘୋଷଣା କରି ରାଜ୍ୟରେ ରେଳପଥ ବିକାଶର ଏକ ନୂଆ ଯୁଗର ଆରମ୍ଭ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ।
- ଆଜି ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳପଥର ଅଗ୍ରଗତି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କର ସେହି ଦୂରଦୃଷ୍ଟିସଂପନ୍ନ ନିଷ୍ପତ୍ତିର ଫଳ । ଏଭଳି ଏକ ଯୁଗାନ୍ତକାରୀ ନିଷ୍ପତ୍ତି ଗ୍ରହଣ କରିବାରେ ସେ ସାରା ଦେଶରେ ସର୍ବପ୍ରଥମ ମୁଖ୍ୟମନ୍ତ୍ରୀ ।
- ୨୮୯ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳପଥର କାର୍ଯ୍ୟ ଖୋର୍ଦ୍ଧା ରୋଡରୁ ବୋଲଗଡ଼ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇସାରି ରେଳ ଚଳାଚଳ ଆରମ୍ଭ ହୋଇଛି । ଅପର ପକ୍ଷେ, ବଲାଙ୍ଗୀର ପଟୁ ମଧ ସମାନ୍ତରାଳ ଭାବରେ ରେଳପଥ କାର୍ଯ୍ୟ ଆରମ୍ଭ ହୋଇଛି । ୨୦୧୭ ମାର୍ଚ୍ଚ ସୁଦ୍ଧା ଏହା ନୟାଗଡ଼ ପର୍ଯ୍ୟନ୍ତ ସଂପ୍ରସାରିତ ହେବ ।
- ଇତି ମଧ୍ୟରେ ଜୟପୁର-ମାଲକାନଗିରି ଏବଂ ଜୟପୁର-ନବରଙ୍ଗପୁର ରେଳ ପ୍ରକଳ୍ପର କାର୍ଯ୍ୟାରମ୍ଭ ପାଇଁ ଆମ ମୁଖ୍ୟମନ୍ତ୍ରୀ ରେଳ ମନ୍ତ୍ରାଳୟ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିସାରିଛନ୍ତି । ଉଭୟ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ

"ବିଜୁ ଗାଁ ଗାଡ଼ି ଚାଲିବା ଫଳରେ ଆମେମାନେ ସକାଳୁ ବାହାରି ନନ୍ଦପୁର-ସେମିଳିଗୁଡ଼ା-ସୁନାବେଡ଼ା ଦେଇ କୋରାପୁଟ ଯାଉଛୁ । ଜିନିଷପତ୍ର ନେଇପାରୁଛୁ । ଆମ ଗାଁ ସହିତ ଆଖପାଖ ଗାଁଗୁଡ଼ିକର ଲୋକମାନେ ଏହି ଗାଡ଼ି ଦ୍ୱାରା ଉପକୃତ ହେଉଛନ୍ତି । ଆମ ପାଇଁ ଏଭଳି ଏକ ଜନହିତକର ଯୋଜନା ଆରମ୍ଭ କରିଥିବା ଆମ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆମେ ଚିର ଋଣୀ ।"



ରାମ ମୁଦୁଲି
ଉମ୍ବେଲ, ଲମତାପୁଟ
କୋରାପୁଟ

ମାଲକାନଗିରି ଏବଂ ନବରଙ୍ଗପୁର ଭଳି ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ରେଳ ସାନ୍ଧ୍ରତା ବଢ଼େଇବା ସହିତ ସେ ଅଞ୍ଚଳରେ ରେଳ ଚଳାଚଳର ନୂତନ ଉଦାହରଣ ସୃଷ୍ଟି ହେବ ।


## ପର୍ଯ୍ୟଟନ ଓ ସଂସ୍କୃତି

- ୨୦୧୪ ମସିହାରେ ରାଜ୍ୟବାସୀଙ୍କୁ ଦେଇଥିବା ନିଜ ପ୍ରତିଶ୍ରୁତି ପୂରଣ କରିଛନ୍ତି ଆମ ମୁଖ୍ୟମନ୍ତ୍ରୀ । ବରିଷ୍ଠ ନାଗରିକମାନଙ୍କୁ ଦେଶର ପ୍ରମୁଖ ତୀର୍ଥସ୍ଥାନ ଭ୍ରମଣ ନିମନ୍ତେ **'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା'ର** ଶୁଭାରମ୍ଭ ତାଙ୍କଦ୍ୱାରା କରାଯାଇଛି । ବ୍ରହ୍ମପୁର ଓ ଭୁବନେଶ୍ୱରରୁ ସ୍ୱତନ୍ତ୍ର ରେଳରେ ସ୍ୱତନ୍ତ୍ର ସୁବିଧାରେ ଯାଇ ବରିଷ୍ଠ ନାଗରିକମାନେ ମଦୁରାଇ, ରାମେଶ୍ୱର, ବାରଣାସୀ, ଆହ୍ଲାବାଦ, ହରିଦ୍ୱାର ଓ ଋଷିକେଶ ଇତ୍ୟାଦି ତୀର୍ଥସ୍ଥାନ ଭ୍ରମଣ କରିବାର ଦିବ୍ୟ ଅନୁଭୂତି ଲାଭ କଲେଣି । ଖୁବ୍‌ଶୀଘ୍ର ସମ୍ବଲପୁରର ବରିଷ୍ଠ ନାଗରିକଙ୍କ ପାଇଁ ଏହି ତୀର୍ଥଯାତ୍ରା ଆରମ୍ଭ କରାଯିବ । ସେମାନଙ୍କ ପାଇଁ ବିନା ଦେୟରେ ଦ୍ୱିତୀୟ ଶ୍ରେଣୀ ସ୍ଲିପର ଯାତ୍ରା ସହ ଭୋଜନ, ଜଳପାନ, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର ଓ ପରିବହନର ବନ୍ଦୋବସ୍ତ କରାଯାଇଛି ।



- ପାରମ୍ପରିକ ଲୋକକଳାଗୁଡିକୁ ବିଲୁପ୍ତିରୁ ସୁରକ୍ଷା କରାଯିବା ସର୍ବାଦୌ ଆବଶ୍ୟକ । ଏଥିପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଆଧାରରେ ସ୍ୱତନ୍ତ୍ର ସର୍ବେକ୍ଷଣ କରିଆରେ ରାଜ୍ୟରେ ସବୁ ଅଞ୍ଚଳର ପାରମ୍ପରିକ

"ମୁଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ରାମେଶ୍ୱର ଓ ମଦୁରାଇ ଭଳି ତୀର୍ଥସ୍ଥାନ ଦର୍ଶନ କଲି । ଏହାଯୋଗୁଁ ବହୁ ଦିନର ଆଶା ପୂରଣ ହେଲା ।"



ନିଶାଣି ଭାଗିରଥି ସାମଲ
କବିସୂର୍ଯ୍ୟନଗର
ଗଞ୍ଜାମ ।

ଲୋକକଳାଗୁଡ଼ିକୁ ଚିହ୍ନଟ କରାଯାଇ ଲୋକଶିଳ୍ପୀମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଆତ୍ମନିର୍ଭରଶୀଳ କରାଇବା ସହିତ ସେମାନଙ୍କ ପ୍ରତିଭାର ପ୍ରସାର ପାଇଁ ରାଜ୍ୟ ଆନ୍ତରିକ ଉଦ୍ୟମ ଆରମ୍ଭ କରିଛି । ଏପର୍ଯ୍ୟନ୍ତ ୪୫୯ଟି ବିଲୁପ୍ତ ପ୍ରାୟ ଲୋକକଳା ଚିହ୍ନଟ କରାଯାଇଛି । ପ୍ରାୟ ୭.୫ ହଜାର ପାରମ୍ପରିକ ଲୋକକଳା ଦଳର ୩ ଲକ୍ଷ କଳାକାରଙ୍କୁ **ବ୍ଲକ୍ କଳା ସଂସ୍କୃତି ସଂଘ, ଜିଲ୍ଲା କଳା ସଂସ୍କୃତି ସଂଘ ଓ ନଗର କଳା ସଂସ୍କୃତି ସଂଘ**ରେ ସାମିଲ କରାଯାଇଛି ।

- ୪ ହଜାରରୁ ଊର୍ଦ୍ଧ୍ୱ **ଦୁଃସ୍ଥ କଳାକାରଙ୍କୁ ଭତ୍ତା** ପ୍ରଦାନ କରାଯାଉଛି ।
- ବିଭିନ୍ନ ସ୍ଥାନରେ ରହିଥିବା **ଭାଗବତ ଟୁଙ୍ଗୀଗୁଡିକର ପୁନରୁଦ୍ଧାର** ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ।
- ମହାନ୍ ଜନନେତା **ବିଜୁ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ମାରକୀ ମୁଦ୍ରା** ଉନ୍ମୋଚିତ ହୋଇଛି ।
- ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୮୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଓଡ଼ିଆ ଭାଷାର ଅଭିବୃଦ୍ଧି ପାଇଁ ଭାଷା ଆଇନ୍‌କୁ କାର୍ଯ୍ୟକାରୀ କରାଯିବା ପାଇଁ ନିୟମ ପ୍ରଣୟନ କରାଯାଇଛି ଏବଂ ଓଡ଼ିଆ ଭାଷାର ଅଭିବୃଦ୍ଧି ଓ ବିକାଶ ନିମନ୍ତେ ସବୁସ୍ତରରେ ଉଦ୍ୟମ ଆରମ୍ଭ କରାଯାଇଛି ।
- ଓଡ଼ିଆ ଭାଷା ଓ ସାହିତ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାର ନିଷ୍ପତ୍ତି ନିଆଯାଇଛି ।
- ଓଡ଼ିଆ ଭାଷା ଓ ସାହିତ୍ୟର ସମସ୍ତ ମହତ୍ତ୍ୱପୂର୍ଣ୍ଣ ଓ ଐତିହ୍ୟସମ୍ପନ୍ନ ଗ୍ରନ୍ଥଗୁଡ଼ିକର **ଡ଼ିଜିଟାଇଜେସନ୍** ସାଙ୍ଗକୁ ଏହା ଏଣିକି ୱେବ୍‌ରେ ଉପଲବ୍ଧ ହେବାର ବ୍ୟବସ୍ଥା କରାଯାଇଛି । ଏଥିପାଇଁ **ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ ପ୍ରତିଷ୍ଠା** କରାଯାଉଛି ।
- **ଉର୍ଦ୍ଦୁ ଓ ସାନ୍ତାଳି ଭାଷା ଶିକ୍ଷାଦାନ** ଏବଂ ସ୍କୁଲ ଅଫ୍ ଲାଙ୍ଗୁଏଜ୍ ପ୍ରତିଷ୍ଠା ସମେତ ଓଡ଼ିଶା ବାହାରେ **ତିନୋଟି ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ଚେୟାର ପ୍ରତିଷ୍ଠା** ନିମନ୍ତେ ନିଷ୍ପତ୍ତି ହୋଇଛି ।

# ମନ୍ଦିରମୟୀ ନଗରୀରୁ ସ୍ମାର୍ଟ ନଗରୀ

ସାରା ଦେଶରେ ସ୍ମାର୍ଟ ସିଟି ପ୍ରତିଯୋଗିତାରେ ଭୁବନେଶ୍ୱର ପ୍ରଥମ ହୋଇଛି । ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସଫଳ ପ୍ରୟୋଗ କରି ସ୍ୱଳ୍ପ ସମୟ ଏବଂ ଅର୍ଥରେ ଅଧିକ ସୁବିଧାସୁଯୋଗ ନାଗରିକଙ୍କୁ ଯୋଗାଇଦେବା ସ୍ମାର୍ଟ ସିଟିର ଲକ୍ଷ୍ୟ । ସ୍ମାର୍ଟ ସିଟି ଯୋଜନାରେ ଜର୍ମାନୀ ଓଡ଼ିଶାକୁ ସହଯୋଗର ହାତ ବଢ଼ାଇଛି ।

- ଏବେ ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତାରେ ଷ୍ଟିଲ୍ ସିଟି ରାଉରକେଲା ଅନ୍ତର୍ଭୁକ୍ତ ହୋଇଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ସଫଳତା ପାଇଁ ରାଉରକେଲାବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



- ସ୍ମାର୍ଟ ସିଟିର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସମୁଦାୟ ୪୫୩୭ କୋଟି ଟଙ୍କା ଖର୍ଚ୍ଚ ହେବ । ପରିବହନ ସୁବିଧା ସାଙ୍ଗକୁ ବହୁତଳ ବିଶିଷ୍ଟ ପାର୍କିଂ ଥାଇ ହୋଟେଲ୍, ଆମ୍ଫିଥିଏଟର ଏବଂ ଅଫିସ୍ ବିଲ୍‌ଡିଂର ସୁବିଧା ରହିବ । ରେଳ ଷ୍ଟେସନ୍‌ର ପୁନର୍ବିନ୍ୟାସ, ସତ୍ୟନଗରରେ ଆନୁଷ୍ଠାନିକ କେନ୍ଦ୍ର ଓ ନଗର ଉନ୍ନୟନ ଇତିହାସର ସଂଗ୍ରହାଳୟ ସ୍ଥାପିତ ହେବ ।
- ବସ୍ତିବାସିନ୍ଦାଙ୍କ ଉନ୍ନତି ପାଇଁ 'ମିଶନ୍ ଆବାସ' ଏବଂ 'କୁଟୁମ୍ବ' ପ୍ରକଳ୍ପ ଅଧୀନରେ ୭ ହଜାର ଗୃହ ନିର୍ମାଣ ନିମନ୍ତେ ସର୍ଭେ ଜାରି ରହିଛି ।
- ପ୍ଲାଷ୍ଟିକ୍ ତଥା ଅନ୍ୟାନ୍ୟ ସାମଗ୍ରୀର ପୁନଃ ପ୍ରକ୍ରିୟାକରଣ ନିମନ୍ତେ ୧୨ଟି କେନ୍ଦ୍ର ସ୍ଥାପିତ ହେବ ।

- ସହର ବାସିନ୍ଦାଙ୍କ କର୍ମକୁଶଳତାର ବୃଦ୍ଧି ପାଇଁ 'ସ୍ୱାଭିମାନ' ପ୍ରକଳ୍ପ କାର୍ଯ୍ୟକାରୀ ହେବ ।
- ୪୦ଟି 'କୁସୁମ' ପ୍ରକଳ୍ପ ମାଧ୍ୟମରେ ଶିଶୁ ବିକାଶ ଏବଂ ଯତ୍ନ କେନ୍ଦ୍ର ଖୋଲାଯିବ ।
- ବସ୍ତିବାସିନ୍ଦାଙ୍କ ନିମନ୍ତେ ଗୋଷ୍ଠୀ ଶୌଚାଳୟ, ପାନୀୟ ଜଳ ପାଇଁ ଏଟିଏମ୍, କମ୍ୟୁନିଟି ଲଣ୍ଡ୍ରି ଏବଂ ଡିଜିଟାଲ ସାକ୍ଷରତା କେନ୍ଦ୍ର ସହିତ ଆହାର ଯୋଜନା ମଧ୍ୟ କାର୍ଯ୍ୟକାରୀ କରାଯିବ ।



- ଇଂଜିନିୟରିଂ ଏବଂ କମ୍ପ୍ୟୁଟର ପ୍ରଯୁକ୍ତି ବିଦ୍ୟାର ସମନ୍ୱୟରେ ଟ୍ରାଫିକ୍, ପାର୍କିଂ, ଅନ୍ୟାନ୍ୟ ଯାନବାହନ ନିୟନ୍ତ୍ରଣ, ଯାତ୍ରା ସୁବିଧା ପ୍ରଦାନକାରୀ କାର୍ଡର ପ୍ରଚଳନ, ଆପଦକାଳୀନ ସେବା ଏବଂ ଅନୁରୂପ ବ୍ୟବସ୍ଥାକୁ ସମନ୍ୱିତ କରାଯିବ ।
- ୪୦୦ କି.ମି. ପରିବହନ କରିଡରର ବିକାଶ କରାଯିବ ।
- ଆଗାମୀ ପିଢିଙ୍କୁ କଳା ଏବଂ ଭାସ୍କର୍ଯ୍ୟ ପ୍ରତି ଆଗ୍ରହୀ କରିବାକୁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ସ୍ମାର୍ଟ ସହର ପ୍ରକଳ୍ପରେ ସ୍ଥାନିତ ହେବ । ଏବେ 'ରାହାଗିରି' ଭଳି ଏକ କାର୍ଯ୍ୟକ୍ରମର ସଫଳ ଆୟୋଜନ ଖୁବ୍ ପ୍ରଶଂସିତ ହୋଇଛି ।
- ସ୍ମାର୍ଟ ସିଟିରେ ଐତିହ୍ୟ ସାଙ୍ଗକୁ ଆଧୁନିକତା ପ୍ରତି ଦୃଷ୍ଟି ଦିଆଯିବ ।

# ସୂଚନା ଓ ଲୋକସମ୍ପର୍କ



- **ଓଡ଼ିଶା ପ୍ରଦେଶ ଗଠନର ଅଶୀ ବର୍ଷ ପୂର୍ତ୍ତି** ଓ ମହାନ୍ ଜନନେତା **ବିଜୁ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଦୁଇଟି ଲୋଗୋ ଉନ୍ମୋଚନ** କରାଯାଇଛି ।
- ଏହି ମହାନ୍ ଜନନାୟକଙ୍କ ଜନ୍ମ ଦିବସରେ **ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀ** ଆୟୋଜନ କରାଯିବା ସଙ୍ଗେ ସଙ୍ଗେ ବର୍ଷବ୍ୟାପୀ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଦର୍ଶନୀ ଆୟୋଜନ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି ।
- କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଚିକିତ୍ସା ଓ ଆପଦକାଳୀନ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ **'ସାମ୍ବାଦିକ କଲ୍ୟାଣ ପାଣ୍ଠି'** ପ୍ରଚଳନ କରାଯାଇ ଗତ ଦୁଇ ବର୍ଷରେ ଏହି ପାଣ୍ଠିରୁ ୨୩ ଜଣ ସାମ୍ବାଦିକଙ୍କୁ ପ୍ରାୟ ୮ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି ।
- କାର୍ଯ୍ୟରତ ସାମ୍ବାଦିକ ଏବଂ ସେମାନଙ୍କର ପରିବାର ସମେତ ସର୍ବମୋଟ ୫ ଜଣଙ୍କୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ।